ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

୧୮-୩୧ ମାର୍ଚ୍ଚ, ୨୦୨୦

**ସ୍ମରଣୀୟ** : ରାମପ୍ରସାଦ ସିଂହ

**ପ୍ରଥମ ବହି** : ପବିତ୍ର ବ୍ରହ୍ମପୁତ୍ର ନାୟକ

**ସୃଜନ ସ୍ମୃତି** : ସୁନୀଲ ଘୋଷ

ଏଥିସହିତ ଅନେକ ଗଳ୍ପ ଓ କବିତାର ସମ୍ଭାର



# ଋତୁ ଓ ଅନ୍ୟାନ୍ୟ କବିତା

**ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ଜନ୍ମ ୧୫ ଜୁଲାଇ ୧୯୯୬ରେ, କେନ୍ଦ୍ରାପଡ଼ା ଜିଲାର ରାଜନଗରରେ। ୨୦୧୦ ଶାରଦୀୟ 'ସମାରୋହ'ରେ ପ୍ରକାଶପାଏ ତାଙ୍କର ପ୍ରଥମ କବିତା। କବିତା ପାଇଁ ପାଇଥିବା ଜୀବନର ପ୍ରଥମ ପୁରସ୍କାର 'ସବୁଜ କବିତା ସମ୍ମାନ'। କବିତା ବ୍ୟତୀତ ଗଳ୍ପ ଓ ନିବନ୍ଧ ମଧ ଲେଖନ୍ତି ପବିତ୍ର। ସାହିତ୍ୟ ସମାଜର ପରିବର୍ତ୍ତନ ଘଟାଏ– ଏଥିରେ ବିଶ୍ୱାସ ରଖୁଥିବା ଏଇ କବିଙ୍କର ପ୍ରଥମ ପ୍ରକାଶିତ ବହି 'ଋତୁ ଓ ଅନ୍ୟାନ୍ୟ କବିତା', ଯାହା ସମ୍ପର୍କରେ ସେ ଆଜି ମୁକ୍ତବାକ୍ ଏଇ ସ୍ତମ୍ଭରେ...**

ମୋର ପ୍ରଥମ ବହି 'ଋତୁ ଓ ଅନ୍ୟାନ୍ୟ କବିତା' ୨୦୧୭ରେ ପ୍ରକାଶ ପାଇଛି, ଟାଇମ୍‌ପାସ୍, ଭୁବନେଶ୍ୱରରେ। ୨୦୧୦ରୁ ମୁଁ ଲେଖାଲେଖି ଆରମ୍ଭ କରିଥିଲେ ବି ପୁସ୍ତକ ପ୍ରକାଶ କରିବାକୁ ବ୍ୟଗ୍ର ହୋଇ ନ ଥିଲି, ଯାହା କି ଅନେକଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। କେବେ ଦିନେ ଫେସ୍‌ବୁକ୍‌ରେ ଏକ ପୋଷ୍ଟ ଦେଖିଲି। ତାହା ଥିଲା ଟାଇମ୍‌ପାସ୍ ପକ୍ଷରୁ ପାଣ୍ଡୁଲିପି ଆହ୍ୱାନ। କାହାକୁ କିଛି ନ ଜଣେଇ ମୋ' କବିତାର ପାଣ୍ଡୁଲିପି ପଠେଇଦେଲି। ଭାବିଥିଲି ଏହା ମନୋନୀତ ହେବ ନାହିଁ। କାହିଁକି ନା, ମୁଁ କେତେବେଳେ ନିଜକୁ କବି ବୋଲି ଭାବି ନ ଥିଲି ଯଦିଓ ଲେଖୁଥିଲି କିଛି କିଛି। ହେଲେ, ଯେତେବେଳେ ପ୍ରକାଶକଙ୍କଠୁଁ ଫୋନ୍ ପାଇଲି କିଛି ସମୟ ବାର୍ତ୍ତାଳାପ ପରେ ଭାବିଲି ସତରେ କ'ଣ ମୋ' ପାଣ୍ଡୁଲିପି କାହାକୁ ବି ଜଣାଇ ନ ଥିଲି। ଦେହରେ ସୃଷ୍ଟି ହେଉଥିଲା ଅସୁମାରି ଶିହରଣ। ବହିଟି ପ୍ରକାଶ ପାଇଲା ପରେ ଯେତେବେଳେ ମୋ' ବହିକୁ ନିଜ ହାତରେ ଧରିଲି, ସେତେବେଳେ ଅନୁଭବ ହୋଇଥିଲା ଏଇ ବଡ଼ ନୁହେଁ, ସତେ ଯେମିତି ମୋ' ଝିଅ। ମୋ' ରକ୍ତ ମାଂସରୁ ଗଢ଼ା ହୋଇଛି।



ପବିତ୍ର ବ୍ରହ୍ମପୁତ୍ର ନାୟକ




ପରେପରେ ମୋ' ମାଟିର କେତେଜଣ କବିଙ୍କ ପାଖରେ ପହଞ୍ଚିଲା ମୋର ସଦ୍ୟ ପ୍ରକାଶିତ ବହି। ସମସ୍ତେ ଖୁସି ହେଲେ। ବହିର ମୂଲ୍ୟ ମଧ ଦେଲେ। ହେଲେ ବହିର ମୂଲ୍ୟ ଯେତିକି ମତେ ଖୁସି ଦେଇ ନ ଥିଲା, ତା'ଠୁଁ ଅଧିକ ଖୁସି ଦେଇଥିଲା ତାଙ୍କର ସ୍ନେହବୋଳା କଥା ସବୁ।

ଏଇ ନିକଟରେ ଜଣେ କବି, ପାଠକ ବି ସେ, ମୋ' ବହି ପଢ଼ିବାକୁ ଚାହିଁଲେ। ମୁଁ ପ୍ରକାଶକଙ୍କ ଠିକଣା ଦେଇଥିଲି। ସେ ପ୍ରକାଶକଙ୍କ ଘରକୁ ଆସି ବହି ଆଗ୍ରହର ସହ ନେଲେ ଓ ମତାମତ ଜଣାଇଲେ। ସବୁଠୁଁ ଆହ୍ଲାଦର ବିଷୟ ଯେ ସେ ମୋର ସବୁ କବିତା ମୁହେଁମୁହେଁ କହି ଦେଉଥିଲେ। ମୁଁ ନିଜେ ଲେଖି ବି ମୋର ଯାହା ମନେ ନ ଥିଲା, ତାହା ଥିଲା ତାଙ୍କ ମୁହଁରେ। ମତେ ଲାଗୁଥିଲା ମୋ' ଲେଖା ସାର୍ଥକ ହୋଇଛି।

ପ୍ରଥମ ବହି ପ୍ରକାଶ ପାଇବାର କିଛି ବର୍ଷ ବିତି ଯାଇଥିଲେ ବି ଏଯାଏ ପ୍ରକାଶ ପାଇନି ମୋର ଦ୍ୱିତୀୟ ବହି। ଏହା ନିଶ୍ଚୟ ଈଶ୍ୱରଙ୍କ ଇଚ୍ଛା। ତାଙ୍କ ବିନା ଇଚ୍ଛାରେ ଶବ୍ଦଟିଏ ବି କଲମରୁ ଉତୁରିବନି, ଏହା ମୁଁ ବିଶ୍ୱାସ କରେ।







## 'ସାହିତ୍ୟାୟନ'ର ମହତ୍ତ୍ୱ ବଢ଼ାଇଛି

# ରବି ସିଂଙ୍କ ଜୀବନୀ ଓ କବିତା-ଚର୍ଚ୍ଚା...

**ବିଶେଷ ପତ୍ର**

*ଦିନ ହେଉଛି, ରାତି ହେଉଛି ଏମିତି ପନ୍ଦର ଦିନ ଚାଲିଯାଉଛି। ହାତକୁ ଆସିଯାଉଛି 'ଧରିତ୍ରୀ' ତରଫରୁ ପ୍ରକାଶିତ ଉଚ୍ଚମାନର ସାହିତ୍ୟ ପତ୍ରିକା 'ସାହିତ୍ୟାୟନ'। ଏଥର ୧୯ ଫେବୃୟାରୀରୁ ମାର୍ଚ୍ଚ ୩ର 'ସାହିତ୍ୟାୟନ' ପ୍ରାପ୍ତିମାତ୍ରକେ ଆନନ୍ଦିତ ହେଲି। ଏଥରର ଲେଖିକା ଲେଖକମାନେ କ'ଣ ଲେଖିଛନ୍ତି ତାଙ୍କର ସୃଷ୍ଟି ସମ୍ଭାରର ଗୁଣାତ୍ମକ ମାନ କେମିତି! ମନକୁ ସେସବୁ କେତେଦୂର ଆନନ୍ଦ ଦେଇପାରୁଛି ଏହା ଜାଣିବା ପାଇଁ ଆଗ୍ରହ ଜନ୍ମେ ମନରେ।

ଏଥର ସବୁ ଲେଖାର ଗୁଣାତ୍ମକ ମାନକୁ ମୁଁ ନିନ୍ଦା କରୁନି, ସବୁ ଲେଖାର ମହତ୍ତ୍ୱ ରହିଛି। ଯେହେତୁ ଭିନ୍ନଭିନ୍ନ ଚିନ୍ତାର ଲେଖା ଏଥର 'ସାହିତ୍ୟାୟନ'ରେ କବି ରବି ସିଂଙ୍କ ଜୀବନୀ ଏବଂ ତାଙ୍କ ଆଗ୍ନେୟ କବିତା ସମ୍ପର୍କରେ ଚର୍ଚ୍ଚା ପ୍ରକାଶ ପାଇଥିବାରୁ ଏହି ସଂଖ୍ୟାର ମହତ୍ତ୍ୱ ଅଧିକ ହୋଇ ଯାଇଛି। କବିତା କେମିତି ଭାବଧାରା ନେଇ ରଚନା କରାଯାଏ, ରବି ସିଂଙ୍କ କବିତା ପଢ଼ିଲେ ଜାଣିହୁଏ। ତୁମ୍ଭଙ୍କୁ ଚରମପତ୍ର ଦେଲି ଭଗବାନ। ଭଗବାନଙ୍କ ବିରୁଦ୍ଧରେ କବି ଯେପରି ବିପ୍ଳବ କରିଛନ୍ତି, ମୁଁ ପଢ଼ି ସାରିବା ପରେ ଆଶ୍ଚର୍ଯ୍ୟ ହେଲି। ସର୍ବଶକ୍ତିମାନ୍ ଈଶ୍ୱରଙ୍କୁ ଚରମପତ୍ର ଦେବାକୁ ଏକା ରବି ସିଂଙ୍କ ଛଡ଼ା କିଏ ବା ଆଉ ଦୁଃସାହସ କରିବ ?

''ଚରମ ପତ୍ର ଦେଲି ଭଗବାନ
ଚରମ ପତ୍ର ଘେନ
ଆଗାମୀ ଚବିଶ ଘଣ୍ଟା ମଧରେ
ଆଗାମୀକାଲିର ଏହି ପ୍ରଭାତରେ
ଖାଲିକର ତୁମ୍ଭେ ଗୋଲକ ସିଂହାସନ
ଘେନ ଭଗବାନ ଚରମ ପତ୍ର ଘେନ।
ଛାଡ଼ିଦିଅ ତୁମ୍ଭ ହାତରୁ ବିଶ୍ୱ ଶାସନଦଣ୍ଡ ଡୋରି
ନ ହେଲେ କରିବି ନିମିଷେ ତମରି ଆୟୁଷ ଚୋରି
ତମର ଛଦ୍ମ ଅନନ୍ତ ଗିରି ଅନ୍ତ କରିବି ସିନା
ତମ ମନ୍ଦିରେ ଉଡ଼ିବି ମୁଁ ମହାଧ୍ୱଂସର ବାନା
ବେଳ ଥାଉଥାଉ ଖାଲି କରିଦିଅ
ଗୋଲକ ସିଂହାସନ
ଘେନ ଭଗବାନ ଚରମ ପତ୍ର ଘେନ।''

କବିତାଟି ଅତ୍ୟନ୍ତ ମାର୍ମିକ, କିନ୍ତୁ ପ୍ରତ୍ୟେକ ପଦରେ ଅଗ୍ନିପିଣ୍ଡୁଳା ଭରି ରହିଛି। କବି ରବି ସିଂ ଅତୀତରେ ମୋ' ଗାଁ ଶ୍ରୀରାମଚନ୍ଦ୍ରପୁରକୁ ଆସିଥିଲେ ପଣ୍ଡିତ ନୀଳକଣ୍ଠଙ୍କ ଜୟନ୍ତୀକୁ। ମୁଖ୍ୟବକ୍ତା ଭାବେ ଖୁବ୍ ଓଜସ୍ୱିନୀ ଭାଷଣ ଦେଇଥିଲେ। ନୀଳକଣ୍ଠଙ୍କ ବିଦ୍‌ବତ୍ତା ଉପରେ କବିଙ୍କ ସଙ୍ଗେ କିଛି ସମୟ କଥାବାର୍ତ୍ତାରୁ ମୁଁ ଜାଣିଲି ବିପ୍ଳବୀ କବି ରବି ସିଂ କ୍ରୋଧୀ ଲୋକ। ଗୋଆ ଆନ୍ଦୋଳନର ଅନୁଭୂତି ତାଙ୍କଠାରୁ ଶୁଣିଛି। ପର୍ତ୍ତୁଗାଲ ପୁଲିସ୍ ପାହାଡ଼ ଉପରୁ ତାଙ୍କୁ ତଳକୁ ଫିଙ୍ଗିଦେଲା। ତାଙ୍କ କଥାରୁ ଜାଣିପାରିଲି ତାଙ୍କର ମନ ବଜ୍ରଠୁଁ କଠିନ। ଯଥାର୍ଥରେ ସେ ବିପ୍ଳବୀ କବି। କବିଙ୍କ ଜୀବନ ଘାତ ପ୍ରତିଘାତମୟ। ସଂଘର୍ଷମୟ ଅତୀତ। ସେ ରକ୍ତାକ୍ତ ହୋଇ ଉପରକୁ ଉଠିଛନ୍ତି। କବି ରବି ସିଂଙ୍କ ଉପରେ ବିପ୍ଳବୀ କବି କାଜି ନଜରୁଲ୍ ଇସ୍‌ଲାମଙ୍କ ପ୍ରଭାବ ରହିଛି ବୋଲି ମୋତେ ପ୍ରାଧାପକ ସ୍ୱର୍ଗତ ସର୍ବେଶ୍ୱର ଦାଶ କହିଥିଲେ। ଏହା ରବି ସିଂ ସ୍ୱୀକାର କରିଥାଆନ୍ତେ କି ନ ଥାଆନ୍ତେ ସେ ବଞ୍ଚିଥିଲେ ଜଣା ପଡ଼ିଥାଆନ୍ତା। ତାଙ୍କର ସାହିତ୍ୟକୃତି ଲାଗି ସେ ବିପୁଳ ସମ୍ମାନର ଅଧିକାରୀ ହେବା ସ୍ୱାଭାବିକ। ସେ ସମ୍ମାନ ପାଇଁ ହକ୍‌ଦାର। କବି ରବି ସିଂ ଚାଲିଗଲେ କହିବା ପରିବର୍ତ୍ତେ ବିପ୍ଳବୀ କବି ବୀରଗତି ପ୍ରାପ୍ତ ହେଲେ କହିବା ଠିକ୍ ହେବ। ଓଡ଼ିଆ ଭାଷା ସାହିତ୍ୟର ସ୍ୱାଭିମାନର ଜାଗ୍ରତ ପ୍ରହରୀ ଥିଲେ କବି ବିପ୍ଳବୀ ରବି ସିଂ।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

* 'ପ୍ରଦକ୍ଷିଣ' ପୃଷ୍ଠାରୁ ''ନିରବଧି ସଖା ମୁହିଁ ଅବହେଳିତର...'' ଶିରୋନାମ

ପାଠକରି (୧୯ ଫେବୃୟାରୀ–୩ ମାର୍ଚ୍ଚ) ସାହିତ୍ୟାୟନର 'ବିଦଗ୍ଧ ପାଠକ' ସ୍ତମ୍ଭକୁ ଏ ଲେଖାଟି ମୋର। ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଆ ମାର୍କସୀୟ ଗଳ୍ପର ଜନ୍ମଦାତା। ପରେପରେ ଗୁରୁଚରଣ ପଟ୍ଟନାୟକ, ସଚ୍ଚି ରାଉତରାୟ, ଅନନ୍ତ ଚରଣ ପଟ୍ଟନାୟକ ଓ ରବି ସିଂଙ୍କ ପରି କିଛି କବି, ଲେଖକ, ଗରିବ, ମୂଲିଆ, ଖଟିଖିଆ, ସର୍ବହରା ଓ ଅବହେଳିତ ଜନତାର ସେବା କରିବା ପାଇଁ କଲମ ଚଳାଇଥିଲେ। ନିଃସଙ୍ଗ ପଥିକ କୁହନ୍ତୁ ବା ଓଡ଼ିଶାର ନଜରୁଲ କୁହନ୍ତୁ ରବି ସିଂ ସେମାନଙ୍କ ପାଇଁ ଶୋଣିତରେ ଲୋତକର ଭାଷାକୁ ଲେଖୁଥିଲେ। ଏହାଙ୍କ ବିଷୟରେ ଅଧିକ ଲେଖିବା ମୋ' ପରି ଆଦୌ ବହିଟିଏ ପ୍ରକାଶ କରିପାରି ନ ଥିବା ପତ୍ରକାରପକ୍ଷେ ସହଜ ନୁହେଁ। କବିତା ଲେଖିଲେ ଭାଇ, ବନ୍ଧୁ, କୁଟୁମ୍ବ, ନିଜ, ପର ସବୁ ଛାଡ଼ି ଗରିବ ହେବାକୁ ହୁଏ, ଏହା ସେ ପ୍ରମାଣ କରିଥିଲେ। ଆଶ୍ଚର୍ଯ୍ୟର ଘଟଣା ସେ ଯେଉଁଦିନ ପାର୍ଥିବ ଶରୀର ତ୍ୟାଗ କଲେ, ସେଦିନ ଥିଲା '୦୨।୦୨।୨୦୨୦' ଅର୍ଥାତ୍ ଚାରିଟି ଶୂନ, ଚାରିଟି ଦୁଇ। ଶୂନଗୁଡ଼ିକୁ ମିଶାଇଲେ ଶୂନ। ଖାଲି ହାତରେ ଆସି ଖାଲି ହାତରେ ଯିବାକୁ ବୁଝାଏ। ଦୁଇ ଚଉକୁ ଆଠ। ଆଠ ଆଠ ଅଠାଅଶୀ ବର୍ଷ ଜୀବନକାଳ। ପତ୍ର ଯେଉଁଦିନ ମୁଁ ଲେଖିବାକୁ ବସିଲି ସେଦିନ ଥିଲା ୨୦।୦୨।୨୦୨୦, ଭାବପ୍ରବଣ ହୋଇଗଲି।

'ସ୍ମରଣୀୟ' ସ୍ତମ୍ଭରେ କ୍ଷୀରୋଦ ଦାସଙ୍କ 'ଅଚଳ ଅଧୁଲି', ଚିନ୍ମୟ ଓ ଆରତୀକୁ ନେଇ ଗତିଶୀଳ ସଂଗ୍ରାମ ଭବନରେ। ଭବାନୀ ଶଙ୍କର ଦାଶଙ୍କ କ୍ଷୁଦ୍ରଗଳ୍ପ 'ଗୀତି କବିତା'ରେ ଅନୀତା, ରବି ସାର୍ ଓ ଦେବେନ୍ଦ୍ର ସେନାପତିଙ୍କ ପରି ଦୁଇ ବିବାହିତଙ୍କ ଖରାପ ନଜରରୁ ଛିଟିକି ପଡ଼ିଛି। ଅପରାଜିତା ବେସନଙ୍କ ଗଳ୍ପ 'ଜାତି' କିନ୍ତୁ ଭାରି ବଢ଼ିଆ ହୋଇଛି। ଡାକ୍ତର ପ୍ରତାପଠୁଁ ମୁକୁଳି ପୁଣି ଫେରିଛି ଅମ୍ରିତା ସୌମ୍ୟ କ୍ୟାମ୍ପକୁ। 'ପହିଲି ପୁଲକ' ଏଥର ସ୍ଥାନ ପାଇଛି। ସ୍ନିଗ୍ଧା ତ୍ରିପାଠୀ 'କଣ୍ଢେଇକୁ ଦେଲି ଭଣ୍ଡେଇ' ଗଳ୍ପ ପରେ 'ଡଷ୍ଟବିନ୍' ସଂକଳନଟିଏ ପ୍ରକାଶ କରିବା ଉତ୍ତମ କଥା। ଡ. ନରେନ୍ଦ୍ର ସେଠୀ ଅନୁବାଦ ଗଳ୍ପ 'ଦେଶାନ୍ତର'ରେ ନିଚ୍ଛକ ସତକଥାକୁ ବଖାଣି ଯାଇଛନ୍ତି। 'ଫିରଙ୍ଗୀ ଫସଲ' ଭ୍ରମଣ କାହାଣୀଟି 'ପୁସ୍ତକ ପରିଚୟ'ରୁ ଜାଣିହେଲା। ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ 'ଚିରା ପଣତ'କୁ ଗୀତି-କବିତା ଲେଖିଥିଲେ ଭଲ ହୁଅନ୍ତା।

*– ପ୍ରତାପ ଚନ୍ଦ୍ର ପାଢ଼ୀ, ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ*

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ମୁଁ ନିଜେ ଯେତେବେଳେ ପଢ଼େ ଏ ଗପ ଆଖି ଜକେଇ ଆସେ ...

**ସୁନୀଲ ବୋଷ**

ପେଷ୍ଟ ଫ୍ରେଣ୍ଡ ଗପଟି ନଟଭାଇଙ୍କର ଜଣେ ବନ୍ଧୁଙ୍କୁ ନେଇ। ପ୍ରଥମେ କହିରଖେ– ନଟଭାଇ କିଏ ? ନଟଭାଇ ମୋ'ଠୁ ଦି' ତିନି ବର୍ଷ ବଡ଼। ବଢ଼ିଆ କବିତା ଲେଖନ୍ତି। ଦି' ତିନିଟା କବିତା ସଂକଳନ ଅଛି। ପୂରା ନାଁ– ନଟବର ସାହୁ। ଆପଣମାନେ ହୁଏତ ଚିହ୍ନିଥିବେ ତାଙ୍କୁ। ନଟଭାଇ ତାଙ୍କର ସବୁକଥା ମୋ' ସହ ବାଣ୍ଟନ୍ତି, ତେଣୁ ବନ୍ଧୁ କହିହେବ ବୟସର ତଫାତ୍ ସତ୍ତ୍ୱେ।

ହଁ, ନଟଭାଇ ଏବେ ଇଂଲିଶ୍ ଅଧ୍ୟାପକ ଅଛନ୍ତି ଗଣମାଣିତ୍ରୀ କଲେଜରେ। ଘର ତାଙ୍କର ଖୋର୍ଦ୍ଧାର ଗୁରୁଜଙ୍ଗ ଗାଁରେ। ନଟଭାଇ ବନାରସ୍ ହିନ୍ଦୁ ୟୁନିଭର୍ସିଟିରେ ଇଂଲିଶ୍‌ରେ ପିଏଚ୍.ଡି. କରିଛନ୍ତି। ଖୁବ୍ ରୁଚିଶୀଳ ମଣିଷ। ବନାରସରେ ପିଏଚ୍.ଡି. କରିବା ସମୟରେ ତାଙ୍କର ହଷ୍ଟେଲ୍‌ମେଟ୍ ଥିଲେ ଡି.ଏନ୍. ସାକ୍‌ସେନା। ସେ ବି ନଟଭାଇ ବୋଲି ଡାକୁଥିଲେ ତାଙ୍କୁ, ଠିକ୍ ମୁଁ ଯେମିତି ଡାକେ। ବୟସରେ ଅଳ୍ପ ସାନ ଥିଲେ। ଏକାଠି କିନ୍ତୁ ପିଏଚ୍.ଡି. କରୁଥିଲେ।

ଦିନେ ଖୋର୍ଦ୍ଧା ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ଏକ ଚା' ଦୋକାନରେ ଚା' ପିଉପିଉ ନଟଭାଇ କହିଥିଲେ– ତାଙ୍କର ଏଇ ବନାରସୀ ବନ୍ଧୁ ଡି.ଏନ୍. ସାକ୍‌ସେନାଙ୍କ କଥା। ସେ କେମିତି ସାୟରୀ ଶୁଣାନ୍ତି, କେମିତି ଅନର୍ଗଳ ଗପିପାରନ୍ତି, କେମିତି ସେମାନେ ଏକାଠି ସାଇକେଲ୍ ଚଢ଼ି ସିନେମା ଦେଖିବାକୁ ଯାଆନ୍ତି। ପୁରୁଣା ସିନେମା ଧୁମ୍ ଦେଖନ୍ତି। କେବେକେବେ ସାଇକେଲ୍ ଗଡ଼େଇ ଗଡ଼େଇ ଯାଉଯାଉ ଗପରେ ଗପରେ ବାଟ ସରିଯାଏ।

ଡି.ଏନ୍. ସାକ୍‌ସେନାଙ୍କର ଏକ ନିରୁତା ପରିଚୟ ନଟଭାଇ ସେଦିନ ଦେଇଥିଲେ ମୋତେ। ମୋତେ ସବୁଠୁ ଭଲ ଲାଗିଥିଲା ତାଙ୍କ ପେଷ୍ଟ ମାଗିବା ଗୁଣଟି। ବିଭିନ୍ନ ସାଙ୍ଗମାନଙ୍କ ରୁମ୍‌କୁ ଯାଇ ସକାଳୁ ସକାଳୁ ଗପ ଜମେଇବା ଏବଂ ସାୟରୀ ଶୁଣେଇବା ଭିତରେ ନିଜ ବ୍ରସ୍‌ରେ ପେଷ୍ଟ ଲଗେଇ ନେବା ଆଉ ଦାନ୍ତ ଘଷି ସାରି ଯେଉଁ ରୁମ୍‌ରେ ପିଲାଏ ଚା' କରନ୍ତି, ସେ ଚା' ଉପରେ ଲଜ୍ଜାହୀନ ଭାବେ ଭାଗ ବସେଇବା ଆଚରଣଟି ମୋ' ମନକୁ ଖୁବ୍ ଛୁଇଁଥିଲା। କେହିକେହି ତାଙ୍କୁ ପସନ୍ଦ କରୁ ନ ଥିଲେ। ନଟଭାଇ କିନ୍ତୁ ଖୁବ୍ ଭଲ ପାଉଥିଲେ ତାଙ୍କୁ।

ମୁଁ ତାଙ୍କୁ ମୋ' ଗଳ୍ପର ନାୟକ କରିନେଲି। ଗପଟି ପ୍ରକାଶିତ ହେବା ପରେ ନଟଭାଇଙ୍କୁ ପଢ଼ାଇଲି। ନଟଭାଇ କହିଲେ– ବଢ଼ିଆ ହେଇଛି। ଏଇଟା ତ ଗୋଟେ କ୍ଲାସିକ୍ ଗପରେ! କିନ୍ତୁ ତୁ ସାକ୍‌ସେନାକୁ ମାରିଦେଲୁ ?

ସାକ୍‌ସେନା ଏବେ ବି ଜୀବିତ ଅଛନ୍ତି। ସୁସ୍ଥ ଅଛନ୍ତି। ଘର ବନାରସ୍ ପାଖ ଏକ ଗାଁରେ। କୌଣସି ରୋଗରେ ଆକ୍ରାନ୍ତ ହୋଇ ନାହାନ୍ତି ସେ ଏଯାଏଁ। ଗପଟି ପାଠକଙ୍କୁ ଭଲ ଲାଗିବ, ଏଇଥିପାଇଁ ମୁଁ ତାଙ୍କୁ ଅସୁସ୍ଥ କରେଇ ଶେଷରେ ମାରିଦେଇଛି।

ହଁ, ମୁଁ ନିଜେ ବି ଯେତେବେଳେ ପଢ଼େ ଏ ଗପଟିକୁ ମୋ' ଆଖି ଅଜାଣତରେ ଜକେଇ ଆସେ, ନଟଭାଇଙ୍କ ବନ୍ଧୁ ତଥା ମୋ' ଗଳ୍ପର ନାୟକ ଡି.ଏନ୍. ସାକ୍‌ସେନା ମରିନାହାନ୍ତି ଜାଣି ବି। ସେ ସୁସ୍ଥ ଥାଆନ୍ତୁ, ଦୀର୍ଘାୟୁ ହୁଅନ୍ତୁ।



**ସୁନୀଲ ବୋଷ** ଏ ସମୟର ଜଣେ ଭିନ୍ନ ଧର୍ମୀ କଥାକାର। ଛୋଟ ଗପରେ ପାଠକଙ୍କୁ ଭଲେଇ ପାରନ୍ତି ଯେତିକି, ଠିକ୍ ସେତିକି ପାଲେଇ ନିଅନ୍ତି ବଡ଼ ଗପରେ। ତାଙ୍କ ଗଳ୍ପର ଗଢ଼ଣରେ ଥାଏ ନିଆରାପଣ। ପରଷିବା ଶୈଳୀରେ ଥାଏ ପାଠକଙ୍କୁ ବାନ୍ଧି ରଖିବାର ସମ୍ମୋହନ। ଏଇ କାରଣରୁ ବୋଧେ ତାଙ୍କ ଗଳ୍ପର ମାୟାରେ ପଡ଼ନ୍ତି ପାଠକେ। 'ଅଳ୍ପଅଳ୍ପ ଗଳ୍ପ', 'ଗପର ଗଜଲ୍', 'ଏବଂ ଅସରନ୍ତି ଗପ', 'ମଡେଲ୍ ଓ ଅନ୍ୟାନ୍ୟ ଗଳ୍ପ', 'ଫୁଲଗଛ ମରିନି' ଏବଂ 'ବୋତାମଛିଣ୍ଡା ସାର୍ଟ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କ ପ୍ରକାଶିତ ପ୍ରମୁଖ ଗଳ୍ପଗ୍ରନ୍ଥ।

# ପେଷ୍ଟ ଫ୍ରେଣ୍ଡ

ସକାଳୁ ସକାଳୁ ସିଏ ଆସିଯାଏ। କେହିକେହି ଉଠିଥାନ୍ତି, କିଏ ପୁଣି ନିଘୋଡ଼ ନିଦରେ। କାହାର ନିଦ ଭାଙ୍ଗି ଯାଇଥାଏ, କିନ୍ତୁ ବିଛଣା ଛାଡ଼ି ନ ଥାଏ ଦେହ। କିଏ ମଶାରି ଭିତରେ ଉପରମୁହାଁ ହୋଇ ପଢୁଥାଏ। କାହାର ଛାତି ଉପରେ ବହି ରହିଛି, ଆଖି ପୁଣି ଲାଗିଯାଇଛି।

ଏ ସବୁ ହଷ୍ଟେଲ୍‌ର ଭିନ୍ନଭିନ୍ନ ରୁମ୍‌ର ଦୃଶ୍ୟ।

ହଁ, ସିଏ ଆସେ ଗପିବାକୁ। ଖୁବ୍ ଗପିପାରେ। ହ୍ୟୁମର୍ ସେନ୍ସ ଖୁବ୍ ବଢ଼ିଆ। ଗପିବା ଭିତରେ ଆଖି ବୁଲେଇ ଆଣୁଥାଏ ଦାନ୍ତଘଷା ପେଷ୍ଟ କେଉଁଠି ରହିଛି। ସେମିତି ଗପୁଗପୁ ସାଙ୍ଗରେ ଆଣିଥିବା ନିଜ ଟୁଥ୍‌ବ୍ରସ୍‌ରେ ପେଷ୍ଟ ଲଗେଇନିଏ। ବାସ୍ ଏଥର ଗପ ଆଉ ବେଶୀ ଲମ୍ବାଏନି ସିଏ। ସିଧା ଯାଏ କଳ ପାଖକୁ। ଆରମ୍ଭ କରିଦିଏ ଦାନ୍ତ ବ୍ରସ୍ କରିବା। ପାଟିରେ ଫେଣ ଥିବାଯାଏଁ ତା'ପାଟି ବନ୍ଦଥାଏ। ଫେଣତକ କାଢ଼ିଦେବା ମାତ୍ରେ ପାଖରେ ଯାହାକୁ ଦେଖେ ତା' ସହ ଗପ ଯୋଡ଼ିଦିଏ। ଦାନ୍ତଘଷା ସାରି ସିଏ ଆଉ ଦୁଇ ତିନୋଟି ସାଙ୍ଗଙ୍କ ରୁମ୍‌କୁ ପଶିଯାଏ। ଯେଉଁମାନେ ରୁମ୍‌ରେ ଚା' କରନ୍ତି, ସେଠି ଭାଗ ବସାଏ। ଚା' କରିବାରେ ସାହାଯ୍ୟ କରେ।

ସମସ୍ତେ ତାକୁ ଜାଣନ୍ତି। ସିଏ ସକାଳର ପେଷ୍ଟ ଅନ୍ୟମାନଙ୍କ ରୁମ୍‌ରୁ ଯୋଗାଡ଼ କରିନିଏ। ନିଜେ ପେଷ୍ଟ କିଣେନି। ବେଳେବେଳେ ତାକୁ ଅପମାନିତ ମଧ୍ୟ ହେବାକୁ ପଡ଼େ। ଅନେକେ ସିଏ ଆସିବା ଆଗରୁ ପେଷ୍ଟ ଲୁଚେଇ ଦିଅନ୍ତି। କେହିକେହି କହନ୍ତି – ନିଜେ ମଝିରେ ମଝିରେ କିଣ ପେଷ୍ଟଟେ। ଏତେ କୃପଣ ହେଲେ ଚଳିବ ?

ସିଏ ହସିଦିଏ। କହେ– ମନେରହିଲା, କିଣିବି। ଆଜି ଚଳିଯାଉ କାମ। ମନା କରୁଛ ଯଦି ଚାଲିଯାଉଛି। ହଷ୍ଟେଲ୍‌ରେ ରୁମ୍‌ର ଅଭାବ ନାହିଁ। ପେଷ୍ଟ ଟିକେ ମିଳିବନି କାହାପାଖରୁ ? ବ୍ୟସ୍ତ ହ'ନି!

ଅନେକେ ତାକୁ ମନା କରନ୍ତିନି। ତା' ସହ ଗପିବାର ମଜା ନିଅନ୍ତି। ପେଷ୍ଟ ଟିକେ ପାଇଁ ତାକୁ ମନାକଲେ ସିଏ କ'ଣ ଆଉ ଆସିବ ? ସକାଳଟା କେମିତି ଯମିବ ?

ତଳ କ୍ଲାସ ପିଲାଙ୍କ ରୁମ୍‌କୁ ସିଏ ଯାଏନି। ଜୁନିୟର ପିଲାମାନେ ତାକୁ ଖୁବ୍ ଭଲପାଆନ୍ତି। କେତେଜଣଙ୍କୁ ସିଏ ନିୟମିତ ପଢ଼ାଏ। ଗାଇଡ୍ କରେ। ର୍‍ୟାଗିଂରୁ ବଞ୍ଚାଏ। ପ୍ରୋଟେକ୍‌ସନ୍ ଦିଏ।

ତା' ନିଜ ବ୍ୟାଚ୍‌ମେଟ୍‌ଙ୍କ ସହିତ ହିଁ ସିଏ ଖଟି କରେ। ପିଏଚ୍.ଡି. କରିବାକୁ ଆସିଛି। ମା' ବାପାଙ୍କର ଗୋଟିଏ ପୁଅ। ମା' ବାପାଙ୍କର ଅନେକ ସ୍ୱପ୍ନ ଥିବ। ତାକୁ ଦେଖିଲେ ଲାଗେନି ସେଥିପାଇଁ ସିଏ ଖୁବ୍ ଗୋଟେ ବ୍ୟସ୍ତ ବୋଲି। ଜୀବନକୁ ନିଜ ଢଙ୍ଗରେ ଜିଇବାକୁ ସତେଯେମିତି ତାକୁ ଭଲଲାଗେ। ହଁ, ନାଁ ତା'ର ଡି.ଏନ୍. ସାକ୍‌ସେନା।

ଖୁବ୍ ସିନେମାଖୋର୍। ତା' ପିଇବାକୁ ଅନେକ ବାଟ ଚାଲିଚାଲି ଯାଇପାରେ ଯଦି ଝୁଙ୍କ୍ ଉଠେ। ଅନେକ ଧାର କରେ। ଠିକ୍ ସମୟରେ ଶୁଝେନି। ଗାଳିଦେଲେ ମନ ଦୁଃଖ କରେନି। କିନ୍ତୁ କାହାର ପଇସା ବୁଡ଼େଇବାର ନଜିର ନାହିଁ। ଜୁନିୟର ପିଲାଙ୍କଠୁଁ ଧାର କରେନି। ବରଂ ଦିଏ। ସବୁ ଜୁଲୁମ ନିଜ ବ୍ୟାଚ୍‌ର ପିଲାଙ୍କ ଉପରେ।

ଦିନେ ସକାଳୁ ସକାଳୁ ସିଏ ଯାଇଥାଏ ଗୋଟେ ରୁମ୍‌କୁ। ଗପିବା ଭିତରେ ସିଏ ପେଷ୍ଟ-ବ୍ରସ୍ ଥାକ ପାଖକୁ ଚାଲି ଯାଇଥାଏ। ଥାକରୁ ପେଷ୍ଟ କାଢ଼ିବା ବେଳକୁ ସେଇ ରୁମ୍‌ର ତା'ର ଜଣେ ସାଙ୍ଗ ପାଟିକରି ଉଠିଲା। କହିଲା– ହାତ ଦେ'ନି ପେଷ୍ଟରେ। ଗୋଟେ ଧନ୍ଦା ଲଗେଇଛୁ। ସକାଳୁ ସକାଳୁ ନିଜ ରୁମ୍‌ରୁ ବାହାରି ଆସି ୟା' ତା' ରୁମ୍‌ରୁ ପେଷ୍ଟ ନେଇ ଦାନ୍ତଘଷା କାମଟା ସାରିଦେଇ ପେଷ୍ଟ ଖର୍ଚ୍ଚଟା ବଞ୍ଚେଇ ଦେଉଛୁ। ବାଃ ତୋତେ ମାନିବାକୁ ପଡ଼ିବ। ତୁ ଲିଟ୍ରେଚର୍‌ରେ ପିଏଚ୍.ଡି. ନ କରି ଇକୋନୋମିକ୍ସରେ କରିବାର ଥିଲା। କେମିତି ଇକୋନୋମିକାଲି ଚଳିବାକୁ ହୁଏ ତୋ'ଠୁ ଶିଖିବା କଥା। ନିଜ ରୁମ୍‌ରୁ ଦାନ୍ତ ବ୍ରସ୍ କରି ବାହାରୁନୁ!

ସିଏ ପେଷ୍ଟ ଆଡ଼କୁ ବଢ଼ାଉଥିବା ହାତଟାକୁ ଫେରାଇ ଆଣିଲା। ଟିକେ ହସିଲା ଆଉ କହିଲା– ମୁଁ କ'ଣ ଖାଲି ଏଇ ପେଷ୍ଟ ପାଇଁ ଆସୁଛି ତମମାନଙ୍କ ପାଖକୁ ? ପେଷ୍ଟ ନେବା ତ ଗୋଟେ ଆଳ। ମୋ' ମା'ବାପା ମୋତେ ଏତେ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି, ପ୍ରତି ମାସରେ ଗୋଟେ ପେଷ୍ଟ ଦେଇପାରିବେନି ? ତମମାନଙ୍କ ସାଙ୍ଗରେ ଆଉ କେତେଦିନ ଗପିହେବ ? ପାଠପଢ଼ା ସରିଲେ ଆମକୁ ଫେରିଯିବାକୁ ପଡ଼ିବ। ଆଉ କ'ଣ ଦେଖାହେବ ? ଏମିତି ସମୟ କ'ଣ ଆଉ ଆସିବ ? ହଉ ଯଦି ମନା କରୁଛୁ ଆଉ ଆସିବିନି। ଏ ହଷ୍ଟେଲ୍‌ରେ ଅନେକ ରୁମ୍ ଅଛି। ଅନେକ ପିଲା ଅଛନ୍ତି। ଦିନକୁ ଗୋଟିଏ ରୁମ୍‌କୁ ଗଲେ ଦାନ୍ତଘଷା ପାଇଁ ନିଶ୍ଚେ ଟିକେ ପେଷ୍ଟ ମିଳିଯିବ, ତଥାପି ଅନେକ ରୁମ୍ ବଳିପଡ଼ିବ। ସେମାନେ ଖୋଜିବେ ମୋତେ। ମୋ' ସହ ଗପିବା ପାଇଁ, ମୋଠୁଁ ଗପ ଶୁଣିବାକୁ ଅନେକେ ପସନ୍ଦ କରିବେ ଯାହାର ଟିକେ ରୁଚି ଥିବ। ତୋର ରୁଚି



ଏତେ କମ୍ ବୋଲି କ'ଣ ମୋତେ ଜଣାଥିଲା ? ହଉ ଥ୍ୟାଙ୍କ୍‌ସ। ତୁ ତୋ' ସ୍ପଷ୍ଟ ମତ ଦେଇପାରିଲୁ ସେଥିପାଇଁ ଖୁବ୍ ଭଲ ଲାଗିଲା। ପେଷ୍ଟ ଅପଚୟ ରୋକି ତୁ ଧନୀ ହେଇଯା'। ଗଡ୍ ବ୍ଲେସ୍ ୟୁ।

ସିଏ ମୋ' ରୁମ୍‌କୁ ଆସି ଏ କଥା କହିବା ଭିତରେ ମୋ' ପେଷ୍ଟରୁ କିଛି ତା' ବ୍ରସ୍‌ରେ ନେଇସାରିଥିଲା। ମୋ' ଆଡ଼େ ଚାହିଁ କହିଲା– ଜାଣିଛି ମୁଁ ପ୍ରତିଦିନ ବି ଯଦି ଆସି ତମ ପେଷ୍ଟରେ ଦାନ୍ତ ଘଷିବି ତମେ କିଛି କହିବନି। କାରଣ ତମର ରୁଚି ଅଲଗା। ମଣିଷ ଚିହ୍ନିବାର ଆଖି ଅଛି ତମ ପାଖରେ। ମୁଁ ତ ପ୍ରତିଦିନ ତମ ପାଖକୁ ଆସିପାରନ୍ତି। କିନ୍ତୁ ଜଣଙ୍କ ସହିତ ମିଶିଲେ ମଣିଷ ବାନ୍ଧି ହେଇଯିବ। ମୁଁ ଚାହେଁ ସମସ୍ତଙ୍କ ସହିତ ଖୁସି ବାଣ୍ଟିବାକୁ। କେହି କ'ଣ ସେକଥା ବୁଝିପାରୁଛନ୍ତି ? ସମସ୍ତେ ଭାବୁଛନ୍ତି ମୁଁ ପେଷ୍ଟ ଚୋର। ଶସ୍ତା ଜୋକ୍ସ ଆଉ ସାୟରୀ ଶୁଣେଇ ଚକ୍‌ମା ଦେଖାଉଛି।

ମୁଁ କହିଲି– ଚା' ପିଇବୁ ?

ବ୍ୟାଚ୍‌ମେଟ୍ ହେଲେ ବି ସିଏ ମୋତେ ଭାଇ ଡାକେ। ବୟସରେ ଅଳ୍ପ ସାନ ହୋଇପାରେ।

ଆମେ ଚା' ପିଇଲୁ। କିଛି ସମୟ ଗପିଲା ସିଏ। ସିଏ ଗପିଲେ ଅନ୍ୟକୁ କୁହାଇ ଦିଏନି। ମଝିରେ ମଝିରେ ଭଲଭଲ ସାୟରୀ ଶୁଣାଏ। ସେଦିନ ମୋ' ରୁମ୍‌ରୁ ଫେରିବା ସମୟରେ ପଚାରିଲା– ଆମ ଫେରିବା ସମୟ ପାଖେଇ ଆସିଲାଣି ନୁହେଁ ? ଆଉ ବର୍ଷେରୁ କମ୍ ଅଛି।

ଦେଶ ଦୁନିଆର ସବୁ ଖବର ଥାଏ ତା' ପାଖରେ। ଏମିତି କୌଣସି ବିଷୟ ନାହିଁ, ଯାହା ଉପରେ ସିଏ ଦୀର୍ଘ ସମୟ ଧରି ଗପି ନ ପାରିବ। କିନ୍ତୁ ଗୋଟିଏ ବିଷୟରେ ସିଏ କାଟ୍ ଖାଇଯାଏ। ଝିଅ-ଫିଅ ବାବଦରେ ସେ ଗପିବାକୁ ଭଲପାଏନି। ସେସବୁ ଦିଗକୁ ସେ ଗୁରୁତ୍ୱ ଦିଏନି। ନିହାତି ଦରକାର ହେଲେ ସିଏ ବ୍ୟାଚ୍‌ମେଟ୍ ଝିଅଙ୍କ ସହ କଥା ହୁଏ। ତା' ମତରେ ଝିଅମାନେ ପୁଅମାନଙ୍କ ତୁଳନାରେ ଅଧିକ ସ୍ନେହୀ, ଦରଦୀ। ତା' ମା' କେତେ କାମ କରେ ! କେବେ କୌଣସି ଅଭିଯୋଗ ନ ଥାଏ ତା'ର। କାମ କରିକରି ବୁଢ଼ୀ ହୋଇ ଆସିଲାଣି। ଲଗାତାର ଏତେ ଲମ୍ବା ସମୟ ଧରି କିଏ କରିବ ଘରକାମ ? ପୁଅପିଲାମାନେ ପାରିବେ ? ସେଥିପାଇଁ ତ ଗର୍ଭଧାରଣ କରିବାର କ୍ଷମତା ମହିଳାଙ୍କ ପାଖରେ ରହିଛି।

ଏମିତି ଅନେକ ସକାରାତ୍ମକ ଯୁକ୍ତି ସେ ବାଢ଼େ ଝିଅମାନଙ୍କ ସପକ୍ଷରେ। ସ୍ୱାମୀ ମରିଗଲେ ସ୍ତ୍ରୀ ବିଧବା ହେଉଛି। ବୈଧବ୍ୟକୁ ସିଏ ବ୍ରତ ବୋଲି ମାନିନେଉଛି। ସବୁକିଛି ତ୍ୟାଗ କରିବାକୁ ପଡୁଛି ତାକୁ। ସ୍ତ୍ରୀ ମରିଗଲେ ସ୍ୱାମୀକୁ କ'ଣ ସେତିକି କଷ୍ଟ କରିବାକୁ ପଡୁଛି ? ସିଏ ସବୁ ଖାଉଛି, ସବୁ ଅୟସ ଆରାମ ଭିତରେ ରହୁଛି। ତେଣୁ ତ୍ୟାଗୀ କିଏ ? କାଁ ଭାଁ ଯାର ବ୍ୟତିକ୍ରମ ହେଉଛି, ତାକୁ ଆମ ମାପକାଠି କରି ନାରୀକୁ ମାପିବା କ'ଣ ଠିକ୍ ?

ଆଜିକାଲିର ମଡର୍ନ ଟ୍ରେଣ୍ଡ୍ ଉପରେ ତା'ର ମତ ହେଲା– ପରିବର୍ତ୍ତନ ସହ ତାଳଦେବାକୁ ହିଁ ପଡ଼ିବ। କବାଟ ନ ଖୋଲିଲେ ପରିବର୍ତ୍ତନ ସ୍କାଏଲାଇଟ୍ ବାଟେ ପଶିବ। ସ୍କାଏଲାଇଟ୍ ବାଟେ କେବୁଲ୍ ଟିଭିର କେବୁଲ୍ ଆସିବ ଘର ଭିତରକୁ। ଟିଭି ସହ ଯୋଡ଼ିହେବ। ଏଥର ଟିଭି ପରଦାରେ ବିକିନୀବାଲାଙ୍କ ଫ୍ୟାଶନ୍ ପରେଡ୍ ଦେଖିବାକୁ ମିଳିବ। ଚାନେଲ୍ ବଦଳାଅ, ଅନ୍ୟ ଗୋଟେ ଚାନେଲ୍‌ରେ ହୁଏତ ଚାଲିଥିବ (ପୃଷ୍ଠା-୬...)

ସ୍ମରଣୀୟ

**ରାମ ପ୍ରସାଦ ସିଂହଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲା, ମାହାଙ୍ଗାର କଅଁରପୁର ଗାଁରେ। ଶେଷ ଅବସ୍ଥାନ ବରଗଡ଼ ଜିଲାର ବରପାଲିରେ। ୧୯୦୪ ମସିହାରେ ଜନ୍ମିତ ଆଜନ୍ମ ସଂଗ୍ରାମୀ ବିପ୍ଳବୀ ରାମ ପ୍ରସାଦ ୧୯୩୦ ପରଠାରୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି। ସେ ଭଗବତୀ ଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ ଓ ସଚ୍ଚି ରାଉତରାୟଙ୍କ ସମସାମୟିକ। ଅନ୍ୟୂନ ୨୦ ଖଣ୍ଡ ପୁସ୍ତକର ସେ ପ୍ରଣେତା।**

# କମ୍ପ୍ରେଡ୍

**ରାମ ପ୍ରସାଦ ସିଂହ**

ପୁରୀ ସମୁଦ୍ରକୂଳ। ବୁଲୁବୁଲୁ ଅନେକ ଦୂର ଚାଲିଆସିଛି ସହରର ସୀମା ଛାଡ଼ି। ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ରାଗରେ ପଶ୍ଚିମ ଆକାଶଟାଯେ କେତେବେଳେ ଲାଲ ହୋଇଉଠିଛି, ସେ ଦିଗକୁ ଖିଆଲ ଦେବାର ଅବସର ହୋଇନାହିଁ।

କିଛିଦିନ ହେଲା ମସ୍ତିଷ୍କ ଭିତରେ ଗୋଟାଏ ଜଟିଳ ଚିନ୍ତାଧାରା ଭୂତନାଚ ଲଗାଇଛି। ଚୈତ୍ର ମାସର ଗ୍ରୀଷ୍ମରୁଦ୍ଧ କଟକର ଉତ୍ତପ୍ତ ବାୟୁମଣ୍ଡଳ ମଧ୍ୟରେ ତା'ର ସମାଧାନ ସମ୍ଭବ ହେଲାନାହିଁ। ନିଜ ପାଖରୁ ନିଜେ ଅବସର ନେବା ପାଇଁ ପୁରୀର ସମୁଦ୍ରକୂଳକୁ ଚାଲିଆସିଛି, କିନ୍ତୁ ତଥାପି ସେହି ଚିନ୍ତା!

ନିଜର କିଛି ସମସ୍ୟା ନାହିଁ। କୌଣସି ଦିନ କୌଣସି ପ୍ରଶ୍ନକୁ ସମସ୍ୟା ଆକାରରେ ଆସିବା ପାଇଁ ମୋ' ଜୀବନରେ ମୁଁ ଅବସର ଦିଏ ନାହିଁ। ନିରାଟ ବାସ୍ତବତାର ଉପାସକ ମୁଁ, କଳ୍ପନା ଜଗତ ପ୍ରତି ମୋର ତୀବ୍ର ଅବିଶ୍ୱାସ। ଦୁନିଆର ଦୁଃଖଦୈନ୍ୟ ସମସ୍ୟା ନେଇ କୌଣସି ଦିନ ଭାବି ନାହିଁ, କାରଣ ଜାଣେ– ଧନୀ ଯେତେ ଦିନଯାଏଁ ଅଛି, ଦରିଦ୍ର ସେତେ ଦିନ ଥିବ; ସୁଖ ଯେତେ ଦିନ ପର୍ଯ୍ୟନ୍ତ ଟଙ୍କା ପଇସାରେ କିଣା ଯାଇପାରେ, ଦୁଃଖ ସେତେ ଦିନ ସାଧାରଣଙ୍କ ଭାଗରେ ପଡୁଥିବ। ରୋଗୀ ଦେଖିଲେ ଦୁଃଖ ହୁଏ ନାହିଁ– ଅଛି ତା'ର କ୍ଷମତା ପ୍ରତି ଅବିଶ୍ୱାସ। ପ୍ରପୀଡ଼ିତ ଦେଖିଲେ ମୋ' ହୃଦୟରେ ଦୟା ଜାତ ହୁଏନାହିଁ। ହୁଏ ତା'ର ଅକ୍ଷମତାରେ ସମବେଦନା। ଭାବେ, ସୁଖସ୍ୱାଚ୍ଛନ୍ଦ୍ୟ। ଯେତେ ଦିନ ଚୋରି, ଡକାୟତି, ଧପାବାଜ୍, ମିଥ୍ୟା, ପ୍ରତାରଣା ଦ୍ୱାରା ସମ୍ଭବ, ସେତେ ଦିନ ନିରୀହ, ସରଳ ହୋଇ ରହିବା ଅର୍ଥ ଅନାହାର ଅନଟନକୁ ବରଣ କରିନେବା। ଜଣେ ମାନବ ସମାଜର ଏ ବ୍ୟବସ୍ଥା ପ୍ରାକୃତିକ ନିୟମ ଉପରେ ଅତ୍ୟାଚାର, ମନୁଷ୍ୟର ମନୁଷ୍ୟତାର ବ୍ୟଭିଚାର। ଏହା ଅସଭ୍ୟ, ଅସ୍ୱାଭାବିକ, ରାକ୍ଷସୀ ବିକଟତାପୂର୍ଣ୍ଣ। ତେଣୁ ଏହାର ଧ୍ୱଂସ ଅବଶ୍ୟମ୍ଭାବୀ, ଏହାର ଲୋପ ସୁନିଶ୍ଚିତ। ଜାଣେ, ଅନ୍ୟାୟର ପ୍ରତିକାର ଅନ୍ୟାୟ ଗର୍ଭରେ ହିଁ ଜନ୍ମିଥାଏ। ଅବିଚାରର ଶତ୍ରୁ ଅବିଚାର ଭିତରେ ଜାଗ୍ରତ ରହିଛି, ଅତ୍ୟାଚାରକୁ ଧ୍ୱଂସ କରିବା ଶକ୍ତି ଅତ୍ୟାଚାରରୁ ଜାତ ହୁଏ। ସୂର୍ଯ୍ୟର ଆଲୋକ ଯେପରି ସ୍ୱତଃ ପ୍ରତୀୟମାନ, ଏଗୁଡ଼ିକ ମଧ୍ୟ ସେହିପରି। ଏଗୁଡ଼ିକ ବିରାଟ ବାସ୍ତବତାର ଅଙ୍ଗ। ସେଥିପାଇଁ କୌଣସି ଦିନ ଏ ଦିଗରେ କୌଣସି ସମସ୍ୟା ମୋତେ ବିଚଳିତ କରିପାରି ନାହିଁ।

କିନ୍ତୁ ସେଦିନ ନାଥିଆର ଅବସ୍ଥା ମୋ' ସମ୍ମୁଖରେ ଏକ ବିରାଟ ସମସ୍ୟାର ଛବି ଅଙ୍କିତ କରିଦେଇ ଯାଇଛି। ତା'ର ସମାଧାନ ପାଉନାହିଁ। ବିରକ୍ତ ହୋଇ ଉଠିଛି।

ନାଥିଆ ଚଷା। କଟକ ଜିଲାର ଏକ ମଫସଲରେ ତା'ର ଘର। ସେ ଚଷା; କିନ୍ତୁ ତା'ର ଚାଷ ନାହିଁ। ତା'ର ବାପ ଧାନ ଦେଢ଼ି ନେଇଥିଲା ମହାଜନଠାରୁ। ସୁଧମୂଳ ଅସୁଲ ପାଇବା ପାଇଁ ମହାଜନ ତା'ର ଦେଢ଼ମାଣ ଚାଷଜମି ନିଲାମ କରିନେଲା।

ବାପ ମଲା ପରେ ରହିଲା ନାଥିଆ, ତା'ର ସ୍ତ୍ରୀ ଗୁରୀ, ଆଉ ତା'ର ଘରଡିହ ଖଣ୍ଡକ।

ଗାଁରେ କାମ ନାହିଁ। ନାଥିଆ କଟକ ସହରକୁ ଆସିଲା। ଯେଉଁଠି କୋଠା କାମ ହୁଏ, ସେ ମୂଲ ଲାଗେ। ଦିନକେ ଓଳିଏ ଖାଇ ଓଳିଏ ଉପାସ ରହି ଯାହା ସଞ୍ଚୁଥାଏ, ତାହା ତା' ସ୍ତ୍ରୀ ପାଖକୁ ନେଇଯାଏ। ଏମିତି ଚାଲିଥାଏ।

ଦୁଇବର୍ଷ ପୂର୍ବେ ନାଥିଆ ସହିତ ମୋର ପରିଚୟ। ଲୋକଟା ମନ ଖୋଲି ହସିପାରେ, ଦମ୍ଭରେ କଥା କହିପାରେ, ଛାତି ଫୁଲାଇ କାମ କରିପାରେ, କାମରେ ଗର୍ବ ଅନୁଭବ କରେ। ଅର୍ଦ୍ଧାହାର ତା'ର ଚକ୍ଷୁର ଜ୍ୟୋତିକୁ ମ୍ଳାନ କରିପାରି ନ ଥିଲା। ଅଭାବକୁ ସେ ମାନି ନେଇ ନ ଥିଲା, ଅଭାବ ବିରୋଧରେ ସେ ଯୁଦ୍ଧ କରୁଥିଲା।

ସେ କହେ ''ବାବୁ ଜାଣ, ଗୋଟାଏ ବୋଲି ପେଟ, ମୋର ଚିନ୍ତା କ'ଣ ? ଦିନକୁ ଚାରିଅଣା କଞ୍ଚା ପଇସା ରୋଜଗାର କରୁଛି। ଖାଇପିଇ, ସଞ୍ଜବେଳେ ବେକରେ ମଲ୍ଲୀଫୁଲ ପକାଇ ବୁଲୁଥାଆନ୍ତି। ପଇସାଟାକର ବରା କିଣି ମୁହଁକୁ ନେଇଚି କି ନାହିଁ, ମନେପଡ଼େ ଗୁରୀ କଥା। ସେ ଆଜି କ'ଣ ଖାଇଥିବ ? ମାସେ ହେଲା ଘରକୁ ଯାଇ ନାହିଁ। ଦେଢ଼ମାସ ପୂର୍ବେ ମଧୁଆ ଭାଇ ହାତରେ ଘରକୁ ଦୁଇଟଙ୍କା ପଠାଇଥିଲି। ଭାବେ, ପେଟ ବିକଳରେ ବରା ଦିଖଣ୍ଡ ଖାଇଦିଏ; ହେଲେ ପାଟିକୁ ସୁଆଦ ଲାଗେନାହିଁ।''

ମୁଁ ତୁନି ହୋଇ ଶୁଣୁଥାଏ। ମୋର ମନେ ହେଉଥାଏ, ସେ ଦୂର ଦିଗନ୍ତରେ ଜଳି ଉଠୁଛି ବିପ୍ଳବର ଲେଲୀହାନ ଅଗ୍ନିଶିଖା।

ହଠାତ୍ ତା' ମୁହଁ ଉଜ୍ଜ୍ୱଳ ହୋଇଉଠେ। ସେ କହେ– ''ବାବୁ ଜାଣିଲେ, ମୋ' ପାଖରେ ଟଙ୍କାଏ ପାଞ୍ଚଣା ରହିଲାଣି। ଆଉ ଏଗାରଅଣା ପଇସା ହେଲେ ଗାଁକୁ ଯିବି। ମିସ୍ତ୍ରିକୁ କହିଛି, ଯେଉଁଠି କାମ ହବ, ସେ କାମ ଦବ। ଦି' ପଇସା ଲେଖା ଦସ୍ତୁରା ଦେବି ବୋଲି ତାକୁ କହିଛି।''

ତା' ପରଦିନ ଗଡ଼ିଯାଇଛି। ମୁଁ ନାଥିଆର ଖୁବ୍ ପରିଚିତ ହୋଇପଡ଼ିଛି। ସେ ଯେଉଁଠି ଦେଖେ ନମସ୍କାର କରେ। ସମୟ ସମୟରେ ଆମ ଘରକୁ ଆସି ମୋତେ ତା'ର ଦୁଃଖସୁଖ ଶୁଣାଇଯାଏ।

ତା'ପର ଅନେକ ଦିନ ତା' ସହିତ ଦେଖା ହୋଇନାହିଁ।

ଦିନେ ରାତି ୧୨ଟା ହେବ, ଟକି ଦେଖି ଫେରୁଛି, ହଠାତ୍ ଚଉଧୁରୀ ବଜାରର ଏକ ଗୁଡ଼ିଆ ଦୋକାନ ସାମ୍ନାରେ ଥିବା ଆଲୁଅ ଆଗରେ ଗୋଟାଏ ନରକଙ୍କାଳ ଆଡ଼କୁ ଦୃଷ୍ଟି ଟାଣି ହୋଇଗଲା। ହାତରେ ସେ ଧରିଛି ଦୁଇଖଣ୍ଡ ରୁଟି। ସଡ଼କ ଉପରେ ବସି ପଡ଼ି ଖାଇବାର ଉଦ୍ୟମ କରୁଛି। ସେ ନାଥିଆ।

ଡାକିଲି ତାକୁ। ଧୀରେଧୀରେ ସେ ମୋ' ଆଡ଼କୁ ଆସିଲା। କହିଲି– 'କିରେ, ଏ କ'ଣ ହେଲା ?'

ସେ କ୍ଷୀଣ କଣ୍ଠରେ କହିଲା– 'ପନ୍ଦର ଦିନ ହେଲା ଜର।'

ବୁଝିଲି, ପନ୍ଦର ଦିନ ହେଲା ଜର। କାମ ବନ୍ଦ। ପଇସା ଯାହା ପାଖରେ ଥିଲା ଶେଷ। କାହା ପିଣ୍ଡାରେ ପଡ଼ିପଡ଼ି ସେ ଉଠିଛି। ଖାଇବାକୁ ବା ପାଇବ କୁଆଡୁ ?

ଖଣ୍ଡେ ରିକ୍ସା ଡାକି କହିଲି– 'ବସ, ଆମ ବସାକୁ ଚାଲ।'

ସେ ଥକା ହୋଇ ଠିଆହେଲା। କ'ଣ ଭାବିଲା। ଅତି କଷ୍ଟରେ ଯାଇ ରିକ୍ସା ଉପରେ ବସିଲା।

ବସାରେ ପହଞ୍ଚି ଶୁଣିଲି, ଖଜଣା ନ ଦେବାରୁ ତା' ଘର ନିଲାମ ହୋଇଯାଇଛି। ଘର ତ ନାହିଁ, ରହିବ କେଉଁଠି ? ଗୁରୀ ଦିନେ ଦି'ଦିନ ସାଇପଡ଼ିଶା ଘରେ ରହି ତା' ବାପଘରକୁ ଗଲା। ସେ ଗାଁରେ ଘରେଘରେ ଠାକୁରାଣୀ ବିଜେ କରିଥିଲେ। ଗୁରୀକୁ ମା' ଏପରି ସୁଦୟା କଲେଯେ, ତା' ଦିହରେ ସୋରିଷ ପକାଇବାକୁ ସ୍ଥାନ ରହିଲା ନାହିଁ।



ନବରାତ୍ର ଦିନ ଗୁରୀ ମରିଗଲା।

ଏ ସବୁ କହୁକହୁ ତା'ର ଶୁଷ୍କ ନିଷ୍ପ୍ରଭ ଚକ୍ଷୁରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା।

କହିଲି– 'ବାସ୍, ଗୁରୀ ଗଲା। ଏଥର ଭଲ କରି କାମ ଦାମ କରି ଦି'ପଇସା ପାଖରେ ରଖ। ଆଉ ଗୋଟାଏ ବାହା ହୋଇପଡ଼।'

ନାଥିଆ ମୋ' ମୁହଁକୁ କିଛି ସମୟ ନୀରବରେ ଚାହିଁ ରହି କହିଲା– 'ଆଉ କ'ଣ ଗୁରୀକୁ ପାଇବି ?'

କିଛି ଉତ୍ତର ଦେଇପାରିଲି ନାହିଁ, ନିସ୍ତବ୍ଧ ହୋଇଗଲି।

ନାଥିଆଠୁଁ ଏ ଉତ୍ତର ପାଇବି, ଏ ଆଶା କରି ନ ଥିଲି। ଜାଣେ, ପ୍ରେମ, ଭଲପାଇବା, ହୃଦୟ ନେଇ ଖେଳ ଖେଳିବା, ଏଗୁଡ଼ାକ ବଡ଼ଲୋକଙ୍କ ବିଳାସର ଗୋଟାଏ ଅଙ୍ଗ। ସେମାନଙ୍କ ଶରୀରର ବିଳାପ ପାଇଁ ମଟରକାର୍ ଯେଉଁ ପରିମାଣରେ ଆବଶ୍ୟକ, ମନର ବିଳାସ ପାଇଁ ଗୋଟାଏ ପ୍ରଣୟିନୀ ସେହି ପରିମାଣରେ ଆବଶ୍ୟକ। ଅଭାବ ସବୁବେଳେ ଯାହାକୁ ଘେରି ରହିଛି, ଭୋକ ସହିତ ସବୁବେଳେ ଯାହାକୁ ଲଢ଼େଇ କରିବାକୁ ପଡ଼େ, ତା'ର ଏ କି ମନୋଭାବ ?

ଶୋଇବାକୁ ଗଲି, ନିଦ ହେଲା ନାହିଁ। ହଠାତ୍ ମନେହେଲା, ନାଥିଆର ଏ ଦୁଃଖ ଦୈନ୍ୟମୟ ଜୀବନରେ ଶାନ୍ତିର ସ୍ଥାନ ଗୋଟିଏ ଥିଲା– ତା'ର ଗୁରୀ। ତାହାକୁ ହିଁ କେନ୍ଦ୍ର କରି ସେ ତା'ର ଶତ ପରିଶ୍ରମ ମଧ୍ୟରେ ଆନନ୍ଦ ଅନୁଭବ କରୁଥିଲା। ତା'ର ଚିନ୍ତା, ତା'ର ଦୁଃଖକୁ ସୁଖର ରୂପ ପ୍ରଦାନ କରୁଥିଲା, ତା'ର କର୍ମକ୍ଳାନ୍ତି ମଧ୍ୟରେ ଶାନ୍ତି ଆଣି ଦେଉଥିଲା। ତା'ର ସୁଖର ଉତ୍ସ, ଶାନ୍ତିର ଏକମାତ୍ର ଝରଣା ଶୁଖିଯାଇଛି। କ'ଣ କରିବ ସେ ? କେମିତି ଚଳିବ ସେ ? ନା, ଦୁଃଖୀ, ଦରିଦ୍ର ପକ୍ଷରେ କଳ୍ପନା ବିଳାସ ଚଳେନା। ଗୁରୀ ଯାଇଛି, ଆଉ ଫେରିବ ନାହିଁ ତ ! ସେସବୁ କଥା ନେଇ ଭାବିବା ପାଇଁ ବଡ଼ ଲୋକମାନଙ୍କର ସମୟ ଥାଇପାରେ। ନାଥିଆ ପକ୍ଷରେ ତାହାର କିଛି ଅର୍ଥ ନାହିଁ।

ସକାଳୁ ନାଥିଆକୁ ଏହି କଥା ବୁଝାଇଦେବି ବୋଲି ଭାବୁଭାବୁ ନିଦ ଲାଗିଯାଇଛି। ସକାଳୁ ଉଠି ଦେଖେ ନାଥିଆ ଚାଲିଯାଇଛି।

ଦୁଇ ତିନିଦିନ କଟକ ସହର ତମାମ ତାକୁ ଖୋଜିଛି; କିନ୍ତୁ ସେ ମିଳିଲା ନାହିଁ।

x x x x x

ପେଟର ଚିନ୍ତା ଯାହାର ନାହିଁ, ପ୍ରେମର ଚିନ୍ତା ନେଇ ସେ ବିଭୋର ରହିପାରେ, ଏ ଧାରଣା ଅନେକ ଦିନରୁ ମୋର ମନ ଭିତରେ ଅଧିକାର ବିସ୍ତାର କରି ବସିଥିଲା। ଫଗୁଣ ଚୈତ୍ରର ଖରାରେ ହାଡ଼ଭଙ୍ଗା ପରିଶ୍ରମ ଯେଉଁମାନଙ୍କୁ କରିବାକୁ ପଡ଼େ, ରାତିରେ ଭୋକିଲା ପେଟର ଦାଉ ନେଇ ସକାଳ ହେବା ଆଶାରେ ଯେଉଁମାନଙ୍କୁ ପଡ଼ି ରହିବାକୁ ହୁଏ, ଦୈନ୍ୟର ଜ୍ୱାଳାରେ ସୌନ୍ଦର୍ଯ୍ୟ ଉପଭୋଗର ଶକ୍ତି ଯେଉଁମାନଙ୍କର ଲୁପ୍ତ ହୋଇଯାଇଛି, ମଳୟ ପବନ, ଚନ୍ଦ୍ରର କିରଣ, ଫୁଲର ସୌନ୍ଦର୍ଯ୍ୟ ଉପଭୋଗ କରିବ ସେ କିପରି ? ପ୍ରେୟସୀର ମସ୍ତକର କେଶଦାମରେ ଯେତେବେଳେ ମାସକରେ ଅଧଲାକର ତେଲ ପଡ଼େ ନାହିଁ, ମୁଖର ଲାବଣ୍ୟରେ ଯେତେବେଳେ କ୍ଷୁଧା ଓ ଅଭାବ ଉତ୍କଟ ରେଖା ଟାଣି ଦେଇଯାଇଛି, ଅଙ୍ଗର ନଗ୍ନତା ଦୂର କରିବା ପାଇଁ ସମ୍ବଳ ଯେତେବେଳେ ଶତ ଗ୍ରନ୍ଥିମୟ ଛିନ୍ନ ବସ୍ତ୍ର, ବାହୁଲତାର ଶୋଭାବର୍ଦ୍ଧନ କରିବା ପାଇଁ ଯେତେବେଳେ ଭଙ୍ଗା ମୁଣ୍ଡିକାଚ ହିଁ ଭୂଷଣ, ସେତେବେଳେ ଆଉ ଯାହା ହେଉ, ସେଠାରେ ପ୍ରେମ ନେଇ ହା ହୁତାଶ ହେବାର ଅବସର ନାହିଁ। ଲକ୍ଷ କୋଟି କ୍ଷୁଧିତର ମୁଖର ଗ୍ରାସ କାଢ଼ିନେଇ ଯେ ପେଟର କ୍ଷୁଧାକୁ ଶାନ୍ତ କରିପାରିଛି, ସେ ହୃଦୟର କ୍ଷୁଧା ନେଇ ବିଳାସ କରିପାରେ, ମନର ପିପାସା ସୃଷ୍ଟି କରି ପୃଥିବୀକୁ ମରୁଭୂମି ବୋଲି ମନେ କରିବାକୁ ସୁଖପାଏ; କିନ୍ତୁ ନାଥିଆ, ତା'ର କ'ଣ ହେଲା ? ଗୁରୀ ମରିଛି– ଗୁରୀ ପରି ଲକ୍ଷଲକ୍ଷ ଗରିବ ଅଛନ୍ତି। ସେ ଆଉ ଗୋଟାକୁ ନେଇ ପୁଣି ତା' ବାଟରେ ଚାଲିପାରେ। ତା' ପକ୍ଷରେ ଦୁନିଆଟା ଶୂନ୍ୟ କାହିଁକି ? ଦୁନିଆର ଏକ ଉତ୍କଟ ସମସ୍ୟା ଏହି ପ୍ରଶ୍ନ ପଛରେ ବରାବର ଜଗି ରହିଛି।

x x x x x

ସମୁଦ୍ରକୂଳ, ଚାଲିଛି– ବିଶ୍ୱ ବ୍ରହ୍ମାଣ୍ଡର ଚିନ୍ତା ମୁଣ୍ଡ ଭିତରେ ପୁଞ୍ଜୀଭୂତ ହୋଇଉଠିଛି। ଆଗରୁ ଉଠି ଆସୁଛି ଦଶମୀ ଜହ୍ନର ମ୍ଳାନ ଛାଇ।

ହଠାତ୍ ଦୃଷ୍ଟି ପଡ଼ିଲା ଲିଲୀ ଉପରେ। ସେ ଫେରୁଛି। ତା' ସାଙ୍ଗରେ ଗୋଟିଏ ଚାକର।

ଏ ନିର୍ଜନ ବେଳାଭୂମିରେ ତା'ର ଅଭିସାର କାହିଁକି ? କଳ୍ପନା–ବିଳାସ ନିଶ୍ଚୟ।

ମୋତେ ଦେଖି ସେ କହିଲା– 'ଆପଣ ?'

– 'ହଁ'

– 'କେବେ ଆସିଛନ୍ତି ?'

– 'ଏଇ କାଲି।'

– 'କେତେ ଦୂର ଯିବେ ?'

– 'ନା, ବେଶି ଦୂର ନୁହେଁ।'

ଲିଲୀ ଚାକରକୁ ପଠାଇଦେଲା। କହିଲା– 'ଆମେ ଦୁହେଁ ସାଙ୍ଗ ହୋଇ ଫେରିବୁ।'

ଲିଲୀ ସହିତ ଅନେକ ଦିନର ପରିଚୟ। ଅନେକ ଦିନ ପୂର୍ବେ କେତେ ଦିନ ପାଇଁ ଗୋଟାଏ କ'ଣ ନିକଟତର ସମ୍ପର୍କ ଆମ ଭିତରେ ଥିଲା ବୋଲି ଆଜି ମନେପଡ଼େ। ତା'ପର ଆମ ଦୁହିଁଙ୍କର ଜୀବନର ଗତି ଦୁଇଟା ସ୍ୱତନ୍ତ୍ର ଧାରା ଅବଲମ୍ବନ କରି ଚାଲିଛି।

ଲିଲୀ କଥା କହିବାକୁ, ନିଜ କଥା ଅନ୍ୟ କାନ ଦେଇ ଶୁଣିବାକୁ ବଡ଼ ଭଲପାଏ। ରେଡିଓରେ ସେଦିନ ମାନ୍ଦ୍ରାଜ ଷ୍ଟେସନରୁ ଶୁଣିଥିବା ବୀଣାର ମୂର୍ଚ୍ଛନାଠାରୁ ବ୍ରିଟେନ୍ ଉପରେ ହିଟ୍‌ଲରର ନୃଶଂସ ବୋମାବୃଷ୍ଟି ମଧ୍ୟରେ ଯେତେ ପ୍ରକାର କଥା ଓ ତଥ୍ୟ ସମ୍ଭବ, ସେ ତାହା କହିଚାଲିଛି। କିଟ୍‌ସ, ଶେଲୀ, ବାଇରନ୍ ବିଚାରାମାନେ ମଧ୍ୟ ବାଦ୍ ପଡ଼ିଲେ ନାହିଁ।

Love is eternal– ପ୍ରେମ ଚିରନ୍ତନ ଯେ ଗୋଟାଏ Theory, ଏ ବିଷୟ ନେଇ ଲିଲୀ ଗୋଟାଏ ବକ୍ତୃତା ଆରମ୍ଭ କଲା। ସେ କହିଲା, ଅଭିମନ୍ୟୁ ସାମନ୍ତସିଂହାର କହିଛନ୍ତି, 'ପ୍ରେମ ଅକ୍ଷୟ, ଅମର, ନିତ୍ୟ ପଦାର୍ଥ।'

ମୁଁ ଏଇଠି ନାଥିଆ କଥାଟା କହିଲି। ପଚାରିଲି– ନାଥିଆର ଏହିଯେ ମନୋଭାବ, ଏହାକୁ ତମେ ପ୍ରେମ କହିବ ?

ଲିଲୀ ତାଚ୍ଛଲ୍ୟ ସହିତ କହିଲା– Rubbish, ବାଜେ। ନାଥିଆ ଭଳି ଲୋକ ଭିତରେ ପ୍ରେମ ଥାଇପାରେନା। ଯଦି ଥିବ, ତେବେ ପାଶବିକ କିଛି।

ମୁଁ କହିଲି– କାରଣ, ସେମାନେ ଗରିବ, ସେମାନେ ଦୁଃଖୀ ! ଏଇ ନା ?

ଲିଲୀ ନା, ଠିକ୍ ତା' ନୁହେଁ। ପ୍ରେମର ଅଙ୍କୁରୋଦ୍‌ଗମ ଓ ବୃଦ୍ଧି ପାଇଁ ହୃଦୟର ଯେଉଁ ମାର୍ଜିତ ଅବସ୍ଥା, ଯେଉଁ କୃଷ୍ଟି ଆବଶ୍ୟକ, ତାହା ସେମାନଙ୍କଠାରେ ଆସିବ କୁଆଡୁ ?

ମନେମନେ ଭାବିଲି, ଠିକ୍ କଥା ବ୍ୟାଙ୍କରେ ଯଥେଷ୍ଟ ଟଙ୍କା ଜମା ନ ଥିଲେ, ବିଳାସର ଯଥେଷ୍ଟ ସାମଗ୍ରୀ ନ ଥିଲେ, ହୃଦୟର ମାର୍ଜିତ ଅବସ୍ଥା ବା କୃଷ୍ଟି ଆସିବ କୁଆଡୁ ? କହିଲି– କେତେ ନାଥିଆର ଏ ମନୋଭାବକୁ ତମେ କ'ଣ କହିବ ?

ଲିଲୀ– ମସ୍ତିଷ୍କ ବିକୃତି। ଅଭାବ, ଅନଟନ, ଜ୍ୱରରେ ପଡ଼ି ବିଚାରାର ମସ୍ତିଷ୍କ ବିକୃତ ଘଟିଛି।

ସମୁଦ୍ରକୂଳରେ ଥିବା ଲିଲୀର ପ୍ରକାଣ୍ଡ କୋଠାଘର ସାମ୍ନାରେ ଆସି ପହଞ୍ଚିଛି। ଲିଲୀ କହିଲା– ଆସନ୍ତୁ, ଚାହା ଖାଇ ଯିବେ।

ମୁଁ କହିଲି– 'ନା, ଥାଉ ଆଉ ଦିନେ।'

x x x x x

ବାଟରେ ଫେରୁଛି। ବିଜୁଳିର ଚମକ ପରି ପ୍ରଶ୍ନଟାର ସମାଧାନ ଆପେଆପେ ମିଳିଗଲା। ନାଥିଆର ମସ୍ତିଷ୍କ ବିକୃତି ଅଭାବ ଅନଟନରେ ହୋଇନାହିଁ– ହୋଇଛି ଗୁରୀ ପାଇଁ। ବଡ଼ଲୋକମାନଙ୍କ କଳ୍ପନା ଭିତରକୁ ସେମାନଙ୍କ ମନର କଥା ଆସିବ କିପରି ? ନାଥିଆ ଓ ଗୁରୀର ଅଭିଯାନ ଜୀବନବ୍ୟାପୀ ଦୁଃଖ ବିରୋଧରେ। ଦୁହେଁ ପାଖାପାଖି ଲଢ଼େଇ କରୁଥିଲେ ପ୍ରତିକୂଳ ଅବସ୍ଥା ଭିତରେ ବଞ୍ଚି ରହିବା ପାଇଁ। ସେମାନେ କମ୍ରେଡ୍– ସମଯୋଦ୍ଧାର ସତ୍ୟ ସହାନୁଭୂତିର ବନ୍ଧନରେ ସେମାନଙ୍କ ହୃଦୟ ଆବଦ୍ଧ– ପ୍ରେମିକ ପ୍ରେମିକାର ଭଙ୍ଗୁର କଳ୍ପନାବିଳାସ ଦ୍ୱାରା ନୁହେଁ। ତେଣୁ ସେମାନେ ପ୍ରତ୍ୟେକ ଅଲଗା ନୁହନ୍ତି– ଦୁହେଁ ଏକ। ନିଜ ପ୍ରତି ଶତଶତ ଅଭାବ ଯାହା ହୃଦୟରେ ରେଖାପାତ କରିନାହିଁ, ଗୁରୀର ଅଭାବ ତାକୁ ବିଚଳିତ କରିଛି। ପ୍ରେମ, ଭଲପାଇବା, ପ୍ରଣୟ– ଏ ସବୁ ସୌଖୀନ ମନୋଭାବର ସ୍ଥାନ ନ ଥିଲା ସେମାନଙ୍କ ଭିତରେ। ଯାହା ଥିଲା, ତାହା ନିରାଟ ସତ୍ୟ ସମ୍ବନ୍ଧ ଏବଂ ଏ ସତ୍ୟ ସମ୍ବନ୍ଧ କେବଳ ଗରିବ ଭିତରେ ସମ୍ଭବ।

ହୋଟେଲରେ ପହଞ୍ଚିଲି। ମ୍ୟାନେଜର ବାବୁଙ୍କୁ କହିଲି– 'କପେ ଚା !'

# ମାରାଥନ



**ମୂଳ ଇଂରାଜୀ: ସ୍ୱାମୀ ଗୌର ଗୋପାଳ ଦାସ**

**ଅନୁବାଦ: ଡ. ନରେନ୍ଦ୍ର ସେଠୀ**

ମହାରାଷ୍ଟ୍ରର ଏକ ନିପଟ ମଫସଲ ଗାଁ। ପଞ୍ଚଷଠି ବର୍ଷୀୟା ଲତା ଖରେ ଓ ତା'ର ସ୍ୱାମୀ, ଯାହାର ବୟସ ପାଖାପାଖି ବାସ୍ତରି। ତିନି ଝିଅଙ୍କୁ ବାହାଦେଇ ଦିନମଜୁରି କରି ପେଟ ପୋଷନ୍ତି। ତିନି ଝିଅଜୋଇଁ ଯେତେ କାକୁତିମିନତି କଲେ ବି ବୁଢ଼ାବୁଢ଼ୀଙ୍କ ଏକା ଜିଦ୍ ହାତଗୋଡ଼ ଚାଲିବା ପର୍ଯ୍ୟନ୍ତ ଖଟି ଖାଇବୁ। କାହା ଉପରେ ନିର୍ଭର କରିବୁନି। ଦିନେ ଲତାର ସ୍ୱାମୀଙ୍କ ଛାତିରେ ଯନ୍ତ୍ରଣା ହେଲା। ଗାଁରେ ଥିବା ଡାକ୍ତର ପରୀକ୍ଷା କରି କହିଲେ ବଡ଼ ବେମାର ହେଇଛି। ବୁଢ଼ାକୁ ସହରକୁ ନେଇଯାଅ। ଲତା ମୁଣ୍ଡରେ ଯେମିତି ଚଡ଼କ ପଡ଼ିଲା। ସେ ଭାରି ବିଚଳିତ ହେଲା। ଚିକିତ୍ସା ତ ଦୂରର କଥା, ସହରକୁ ଯିବାପାଇଁ ତାଙ୍କ ପାଖରେ ଗାଡ଼ିଭଡ଼ା ବି ନ ଥାଏ। କଷ୍ଟେମଷ୍ଟେ ଧାରକରଜ କରି ଲତା ସ୍ୱାମୀକୁ ନେଇ ବାରାମତି ସହରରେ ପହଞ୍ଚିଲା। ଘଣ୍ଟାଘଣ୍ଟା ବିତିଗଲା। କେତେ ଚିକିନିଖି ପରୀକ୍ଷା ହେଲା। ମଳ ମୂତ୍ର ରକ୍ତ ପରୀକ୍ଷା ହେଲା। ସବୁଠି କିଛିକିଛି ଫି' ଦେବାକୁ ପଡୁଥିଲା। ଶେଷରେ ଡାକ୍ତର ବାବୁ ଆସିଲେ। ଲତା ବାହାରେ ବସି ଅପେକ୍ଷା କଲା। ତା' ଛାତିଟା ପଡୁଥାଏ ଉଠୁଥାଏ। ଠାକୁରଙ୍କୁ ମନେମନେ ଡାକି ନେହୁରା ହେଲା। ପ୍ରାର୍ଥନା କଲା। ଯେମିତି ଡାକ୍ତର ଭଲ ଖବର ଦେବେ ସେ ଆଶା କରୁଥିଲା।

ଡାକ୍ତର କହିଲେ, ଆଉ କିଛି ପରୀକ୍ଷା କରିବାକୁ ହେବ। ବୁଢ଼ାର ରୋଗଟା ବଢ଼ି ଯାଇଛି। ଅନ୍ତତଃ ପାଞ୍ଚ ହଜାର ଟଙ୍କା ଦରକାର। ଲତା ତା' ଜୀବନରେ ଏତେ ପଇସା କେବେ ଦେଖିନି। କୋଉଠୁ ଆଣିବ ? ଲତା ବିଚଳିତ ହେଲା। ଭାବିଲା ଆଉ ସେ ବୁଢ଼ାକୁ ବଞ୍ଚେଇ ପାରିବନି। ତା' ଆଖିରେ ଲୁହ ଜକେଇ ଆସି ତଳ ମଳ ହେଲା। ସେ ବୁଢ଼ାକୁ ଲୁଚେଇ ନିଜକୁ ସମ୍ଭାଳିଲା। ଡାକ୍ତର ବିନା ପଇସାରେ କିଛି ସହାୟତା ଦେବାକୁ ମନା କରିଦେଲେ। ଲତା ବୁଢ଼ାକୁ ନେଇ ଗାଁକୁ ଫେରିବାକୁ ମନସ୍ଥ କଲା। ବୁଢ଼ାବୁଢ଼ୀ ମଝିରେ ମଝିରେ ପରସ୍ପରକୁ ଚାହୁଁଥିଲେ। ଆଉ ଅଳ୍ପ ଦିନ ପରେ ବୁଢ଼ା ଲତାଠୁ ଦୂରେଇଯିବ। ୟା' ଭିତରେ ପାଖାପାଖି ଦୁଇ ଦିନ ହେଲାଣି ସେମାନେ ପାଣି ଗିଲାସେ ପିଇନାହାନ୍ତି। ଦୁହେଁ ବସ୍ ଧରିବାକୁ ବସ୍‌ଷ୍ଟାଣ୍ଡ୍ ଆଡ଼େ ମୁହାଁଇଲେ। ବାଟରେ ଗୋଟେ ଚା ଜଳଖିଆ ଦୋକାନ ଦେଖି ଲତା ନିଜ ଛୋଟିଆ ପୁରୁଣା ରୁମାଲ କାନିରେ ବାନ୍ଧିଥିବା କେତେଟା ଖୁଚୁରା ପଇସା ବାହାର କଲା। ସବୁତକ ଦୋକାନୀକୁ ବଢ଼େଇ ଦେଇ ଦି'ଟା ସିଙ୍ଗଡ଼ା ଦେବାକୁ କହିଲା। ଦୋକାନୀ ପଇସା ଗଣି ଏକ ଖବର କାଗଜରେ ଗୁଡ଼େଇ ଗୋଟେ ସିଙ୍ଗଡ଼ା ବଢ଼େଇ ଦେଲା। ତେଲ ଓ ଟମାଟୋ ସସ୍‌ରେ ଓଦା ହେଇଯାଇଥିବା ଖଣ୍ଡିଆ ଖବର କାଗଜରେ ଲେଖା ଥିଲା 'କାଲି ବାରାମତି ମାରାଥନ... ସମସ୍ତଙ୍କୁ ନିମନ୍ତ୍ରଣ' ପୁରସ୍କାର ରାଶି ପାଞ୍ଚ ହଜାର।

'ମୁଁ ଏ ମାରାଥନରେ ଭାଗ ନେବି'

ଲତା ବୁଢ଼ାକୁ କହିଲା।

'ତୋ ମୁଣ୍ଡ ଖରାପ କିଲୋ ଲତା... ମୁଁ ତ ମରିବି, ମୋ' ପଛେପଛେ ତୁ ବି ମରିବୁ'

'ନା... ମୁଁ ନିଶ୍ଚୟ ଦଉଡ଼ିବି' ଲତା ଦୋହରାଇଲା।

ଗାଁରେ, ସାଇ ପଡ଼ିଶାରେ ଓ ତିନି ଝିଅ ସମସ୍ତେ ତାକୁ ବାରଣ କଲେ। ଲତା ଶୁଣିଲାନି। ଏକା ଜିଦି, ସେ ବାରାମତି ମାରାଥନରେ ଭାଗନେବ। ପରଦିନ ଲତା ବାରାମତି ମାରାଥନରେ ଉପସ୍ଥିତ ହେଲା। ତା' ପାଖରେ ପାରମ୍ପରିକ ଦୌଡ଼ିବା ପୋଷାକ ନ ଥିଲା। ଜୋତା ଟି ଶାର୍ଟ କି ଟ୍ରାକ୍ ପେଣ୍ଟ ନ ଥିଲା। ତା' ଚିରାଚରିତ ସୂତାଶାଢ଼ି ପିନ୍ଧି ସେ ଭାଗ ନବାକୁ କହିଲା। ସୁରକ୍ଷା ଦୃଷ୍ଟିରୁ ବିଚାରକ ମଣ୍ଡଳୀ ଓ ଆୟୋଜକ ତାକୁ ମନାକଲେ। ସେ ଭାଙ୍ଗିପଡ଼ିଲା। ସମସ୍ତଙ୍କୁ ନେହୁରା ହେଲା। କଥାରେ ଅଛି ନାରୀର ଇଚ୍ଛାଶକ୍ତି ଆଗରେ ରାଜା ମହାରାଜା ବି ହାର୍ ମାନିଛନ୍ତି। ସେଇଆ ହେଲା, ଆୟୋଜକ ତା'ର କରୁଣ କାହାଣୀ ଓ ବୁଢ଼ା ସ୍ୱାମୀକୁ ଚିକିତ୍ସା ପାଇଁ ଦରକାର ପଡୁଥିବା ଅର୍ଥ ସମ୍ପର୍କରେ ଜାଣି ତାକୁ ଅନୁମତି ଦେଇଦେଲେ। ଅତିକମ୍‌ରେ ବୁଢ଼ୀଟିର ବକବକରୁ ନିସ୍ତାର ମିଳିଯିବ। ଲତା ଖରେ ନିଜକୁ ପ୍ରସ୍ତୁତ କଲା। ଶାଢ଼ିକୁ ଭଲ କରି ପିନ୍ଧି ଗଣ୍ଠି ପକେଇଲା। ପା' ତଳୁ ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ଉଠେଇ ଅଣ୍ଟାରେ ବାନ୍ଧିଲା। ତା' ଭଳି ଜଣେ ପଞ୍ଚଷଠି ବର୍ଷର ବୁଢ଼ୀକୁ ଦେଖି ଦେଖଣାହାରିମାନେ ତାଳିମାରି ଉତ୍ସାହ ବର୍ଦ୍ଧନ କଲେ। 'ଯା ମାଉସୀ ଯା...।'

ମାରାଥନର ଘଣ୍ଟି ବାଜିଲା।

ଲତା ଦୌଡ଼ିବା ଆରମ୍ଭ କଲା। ସେ ଦୌଡ଼ିଲା, ଯେମିତି ଆଜି ତା' ପାଇଁ ଶେଷଦିନ। କାଲିଠୁ ପୃଥିବୀ ଶେଷ। ମାରାଥନର ଲମ୍ବ ବୟାଳିଶ କି.ମି.। ବିନା ପୂର୍ବ ଅଭ୍ୟାସ ଓ ପ୍ରସ୍ତୁତିରେ ମାରାଥନ ଜିତିବା ତ ସ୍ୱପ୍ନ, ପାର କରିବା ବି କଷ୍ଟ। ଲତା ସେସବୁ କିଛି ଭାବୁ ନ ଥିଲା। ତା' ପାଇଁ ଖାଲି ମାରାଥନ ଶେଷ କରିବା ଯଥେଷ୍ଟ ନ ଥିଲା। ସେ ଏ ମାରାଥନକୁ ଜିତିବା ଦରକାର। ସେ ଏକ ଜୀବନ ବଞ୍ଚେଇବା ପାଇଁ ଦୌଡୁଥିଲା। ତା'ର ସେ ପାଞ୍ଚ ହଜାର ଦରକାର। ତା'ର କୋଉ ଟ୍ରଫି କି ପଦକ ଦରକାର ନାଇଁ। ଲତା ତା' ସ୍ୱାମୀ ପାଇଁ ଦୌଡୁଥିଲା। ତା' ପ୍ରେମ ଓ ଭଲପାଇବା ତାକୁ ତା'ର କ୍ଷମତାର ପରିସୀମା ବାହାରକୁ ଟାଣି ନେଉଥିଲା। ରାସ୍ତାରେ କୋଉଠି ଖାଲଖମା, ପଥର ଗୋଡ଼ି, କଣ୍ଟା ସେସବୁ ପ୍ରତି ତା'ର ନିଘା ନ ଥିଲା। ଉପସ୍ଥିତ ଦେଖଣାହାରିମାନେ କହୁଥିଲେ ଯେମିତି ଲତା ଖରେ ଏ ମାରାଥନକୁ ଆଗରୁ କେତେ ଥର ଜିତିଛି।

ତା' ଭଲପାଇବାରେ ସଚ୍ଚୋଟତା ଥିଲା। ଏବେ ଯକ୍ଷ ପ୍ରଶ୍ନ... ଲତା ଖରେ କ'ଣ ବାରାମତି ମାରାଥନ ଜିତିଲା ? ଜଣେ ବୁଢ଼ୀ ଲୋକ ବୟସର ଅପରାହ୍ନରେ ଖାଲି ପାଦରେ ଅନ୍ୟମାନଙ୍କୁ ଟକ୍କର ଦେଲା। ଯାହାଙ୍କ ପାଖରେ ମହଙ୍ଗା ସ୍ପୋର୍ଟ୍ସ ଜୋତା ଟ୍ରାକ୍ ପେଣ୍ଟ୍ ଓ ତା'ଠୁ ବଳ ଓ ବୟସରେ ଅଧିକ ସାନ ଥିଲେ। ଏ ପ୍ରଶ୍ନ ନିରର୍ଥକ ଥିଲା କି ସେ ଜିତିଲା କି ହାରିଲା।

ସତଟା ଇଏ... ହଁ, ଲତା ଖରେ ବାରାମତି ମାରାଥନ ଜିତିଲା ଆଉ ମଣିଷପଣିଆ ହାରିଗଲା।

ଗୋଟେ ବୁଢ଼ୀ ସ୍ୱାମୀର ଜୀବନ ବଞ୍ଚେଇବା ପାଇଁ ବୟାଳିଶ କି.ମି. ଦୌଡ଼ିଲା ଯୋଉ ଦୌଡ଼ରେ ତାକୁ ପ୍ରତିଦ୍ୱନ୍ଦ୍ୱୀ ଦଉଥିଲେ ଯୁବକମାନେ ଆଉ ତା' ସୂତାଶାଢ଼ି ତାକୁ ପ୍ରତିକ୍ଷଣରେ ବାଧା ଦଉଥିଲା।

ସେଠି ଉପସ୍ଥିତ କେହିବି ଯଦି ତାକୁ ପାଞ୍ଚ ହଜାର ଟଙ୍କା ସାହାଯ୍ୟ କରିଥାନ୍ତେ... ତା' କାହାଣୀ ଉପରେ ବିଶ୍ୱାସ କରିଥାନ୍ତେ, ମଣିଷପଣିଆ ହାରି ନ ଥା'ନ୍ତା। ଲତା ଖରେ ତା' ସ୍ୱାମୀର ଚିକିତ୍ସା କଲା। ସେ ସୁସ୍ଥ ହେବା ପରେ ଗାଁକୁ ଫେରିଗଲେ।

– ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାରଖଣ୍ଡ

# ଦିବ୍ୟ ନିରୁଦ୍ଦିଷ୍ଟ

ରତ୍ନାକର ଦାସ

ସିଏ ମୋ’ ଝିଅ। ୟୁନିଭର୍ସିଟିରେ ପଢୁଥିଲାବେଳେ ଗୋଟେ ପିଲାକୁ ଭଲପାଇଲା ଯେ, ସେଟା ଛୋଟ ଜାତିର ପିଲା। ଆମେ ଦେଖିଲୁ ଝିଅଟା ଯେତେବେଳେ ଗୋଡ଼ ଖସାଇଲାଣି, ତାକୁ ବାହା କରାଇଦେଲୁ। ସମୟ ନ ଥିଲା ପିଲାଟା ସମ୍ପର୍କରେ ସବୁକିଛି ବୁଝିବା ପାଇଁ।

ସହଜେ ଯାର ତ ଭାଗ୍ୟ ଖରାପ। ସେ ପିଲାଟାର ଆଉ ଗୋଟେ ଝିଅ ସହିତ ସମ୍ପର୍କ ଥିଲାଯେ, ମୋ’ ଝିଅକୁ ଅଣଦେଖା କଲା। ଯେ ତୁଣ୍ଡ ଖୋଲିବାରୁ ତାକୁ ମାଡ଼ ବି ମାଇଲା। ତା’ ବାପାମା’ କଥା ବି ମାନିଲା ନାହିଁ।

ଏଇ, ଆଜିକି ମାସେ କେଇଦିନ ହେଇଯିବ କୁଆଡ଼େ ନିଖୋଜ ହେଇଯାଇଛିଯେ, ତା’ର କିଛି ପତ୍ତା ମିଳୁନାହିଁ। ଥାନାରେ ବି ଏତଲା ଦିଆଯାଇଛି। ସେଇ କଥାକୁ ମୁଣ୍ଡରେ ପୂରାଇ ଝିଅଟା ପାଗଳୀ ହେଇଗଲା। ଚେତା ଫେରିଲେ ଏମିତି ଚିତ୍କାର କରୁଛି। ବେଳେବେଳେ ବି ହସୁଛି ଜୋର୍‌ରେ।

ହସ୍ପିଟାଲ ୱେଟିଂ ରୁମ୍ ବେଞ୍ଚ୍‌ରେ ବସିଥିବା ମଧ୍ୟବୟସ୍କା ଜଣଙ୍କ କହିଲେ– କଥାବାର୍ତ୍ତା ଛଳରେ ନିନା ପଚାରିଥିବା ‘‘ଚିତ୍କାର କରୁଥିବା ପେସେଣ୍ଟ ଆପଣଙ୍କର କ’ଣ ହେବ ମାଉସୀ’’ ପ୍ରଶ୍ନର ଉତ୍ତରରେ।

କୌତୂହଳବଶତଃ ନିନା ପୁଣି ପଚାରିଲା– ସେ ପିଲାର ଘର, ଠିକଣା କୋଉଠି ମାଉସୀ ? – ଏଇ କୁଆକୋଇଲି ଛକରୁ ଭିତରକୁ ପାଞ୍ଚ ଛ’ କିଲୋମିଟର ଗଲେ ନିମ୍ବାପଲ୍ଲୀ ବୋଲି ଗାଁଟିଏ। ସେ ପିଲାର ନାଁ ଦିବ୍ୟସୁନ୍ଦର ଦାସ। ଏଇ ଦେଖୁନୁ! ଝିଅ ମୋବାଇଲ୍‌ରେ ତା’ ଫଟୋ ଅଛି।

ନିନା ଦେହରେ ବିଜୁଳିର ଚମକ ଖେଳିଗଲା ସେ ଫଟୋଟାକୁ ଦେଖି। ନ ଦେଖିଲା ଭଳି ଢଙ୍ଗରେ ସିଏ ବେଞ୍ଚ୍‌ରୁ ଉଠି ଚାଲିଗଲା ତା’ ପେସେଣ୍ଟ ପାଖକୁ। ଆଉ କିଛି ମାତ୍ରାରେ ଭୟ ବି ଥିଲା, ମାଉସୀ ଆଉ କିଛି ପଚାରି ପାରନ୍ତି ବୋଲି।

ଏଇ ତିନି ଚାରିଦିନ ହେଲା ନିନା ଥିଲା ମେଡିସିନ୍ ୱାର୍ଡରେ ଭର୍ତ୍ତି ହୋଇଥିବା ତା’ ମାଆର ଆଟେଣ୍ଡାଣ୍ଟ। ନିନା ତା’ ମାଆର ହାଡୁଆ ଗୋଡ଼କୁ ଆଉଁଶି ଦେଉଥିଲା ସତ, କିନ୍ତୁ ତା’ ମନରେ ଆଙ୍କି ହୋଇଯାଇଥିବା ସେଦିନର ଘଟଣା ସବୁ ବାରମ୍ବାର ଦଂଶନ କରୁଥିଲା ତାକୁ।

– ଦୀର୍ଘ ବର୍ଷକର ସମ୍ପର୍କ ଭିତରେ ତମେ ମୋତେ ଚିହ୍ନି ପାରିଲନି ? ତମେ ଭାବୁଛ ମୁଁ ତମକୁ ଠିକ୍‌ରେ ବୁଝି ପାରିବିନି ଆଉ ପୂରଣ କରି ପାରିବିନି ତମର ଆଶା ଆକାଂକ୍ଷା ?

ଏ କେଇଧାଡ଼ି କୌଣସି ନାଟକର ସଂଳାପ ନ ଥିଲା। ଏ ଥିଲା ନିନାଙ୍କ ପାଇଁ ଦିବ୍ୟସୁନ୍ଦରଙ୍କ ମନର କଥା।

ଅପ୍ରସ୍ତୁତ ନିନା କୌଣସି ଉତ୍ତର ଦେଇ ନ ପାରି କେବଳ ଚାହିଁ ରହିଥିଲା ଦିବ୍ୟଙ୍କୁ। ଦେଖୁଥିଲା ବିଷାଦିତ ମୁଖମଣ୍ଡଳକୁ। ନିରୀକ୍ଷଣ କରୁଥିଲା ଆହୁରି ଅନେକ କଥା ସେଇଠି ଜମାଟ ବାନ୍ଧିଛି, କଳାହାଣ୍ଡିଆ ବଉଦରେ ବର୍ଷା ଜମାଟ ବାନ୍ଧିଲା ଭଳି।

ଦିବ୍ୟ ଉତ୍କଣ୍ଠାର ସହିତ ପୁଣି ପଚାରିଲା– କ’ଣ ଦେଖୁଛ ନିନା ?

– ଦେଖୁନାହିଁ। ମାପୁଛି ତୁମର ଗଭୀରତାକୁ। ଆକଳନ କରୁଛି ତୁମର ଉଦ୍‌ବେଗକୁ। କିନ୍ତୁ ‘ହଁ’ ଉଚ୍ଚାରଣ କଲାବେଳକୁ ମତେ କିଏ ଏମିତି ପଛରୁ ଟାଣି ଧରୁଛିଯେ, କଣ୍ଠରୁଦ୍ଧ ହେଇଯାଉଛି ମୋର। ହଁ ଦିବ୍ୟ! ସଂଜ ନଇଁବା ଆଗରୁ ଆମେ ଆଜି ଫେରିଯିବା ନିଜନିଜ ରୁମ୍‌କୁ। ପୁଣି ଦେଖା ହେବା ଆସନ୍ତା ରବିବାର। ଏଇ ସମୟରେ।

ଦିବ୍ୟ କିନ୍ତୁ ସହମତ ହେଇପାରୁ ନ ଥିଲା ନିନାଙ୍କ ଉତ୍ତରରେ। ସିଏ ଭାବୁଥିଲା– ନିନା ମତେ ଠକିଦେଉଛି। ସିଏ ନିନାଙ୍କୁ ଯେତିକି ଜାଣିଛି, ନିନା ଯଦି ଥରେ ‘ହଁ’ ବୋଲି କହିଦିଏ, ଯେତେ ବାଧା ବନ୍ଧନ ଆସିଲେ ବି ଭାଙ୍ଗି ପଡ଼ିବନି। ଆଗକୁ ବଢ଼ାଇଥିବା ପାଦକୁ ନିନା କେବେ ପଛକୁ ଫେରାଇ ଆଣିବନି। ସେଇଥିପାଇଁ ଦିବ୍ୟ ଜିଦ୍ ଧରୁଥିଲା ନିନା ମୁହଁରୁ ‘ହଁ’ ଶୁଣିବାକୁ।

ନିନା ବି ଠିକ୍ ଜାଣି ପାରୁଥିଲା ଦିବ୍ୟର ମାନସିକତା। ସିଏ ଯଦି ‘ନା’ ବୋଲି ହଠାତ୍ କହିଦିଏ, ଦିବ୍ୟ ହୁଏତ କ’ଣ ଗୋଟେ ଭୁଲ୍ କରି ଦେଇପାରେ। ତେଣୁ ସିଏ ଆଉ ଏକ ନୂଆ ଅଧ୍ୟାୟକୁ ଅବତାରଣା କରି କହିଲା– ଦିବ୍ୟ ! ତମେ ବ୍ୟାଧ ଦେଖିଛ ? ମାନେ ପକ୍ଷୀ ଶିକାରୀ।

ଦିବ୍ୟ କୌଣସି ଉତ୍ତର ନ ଦେଇ ନିନାର ମୁହଁକୁ ଚାହିଁ ରହିଥିଲା ପରୀକ୍ଷାର୍ଥୀମାନେ ଧ୍ୟାନର ସହିତ ପ୍ରଶ୍ନପତ୍ରକୁ ଚାହିଁଲା ଭଳି।

ନିନା ପୁଣି କହିଲା– ବ୍ୟାଧ କବଳରୁ ଯଦି ଶିକାର ଖସିଯାଏ, ସିଏ ଶିକାରର ପଶ୍ଚାତ୍‌ଧାବନ କରେ। ଏପରିକି ପକ୍ଷୀ ବିଚରା ଏକୁଟିଆ ହେଉ ଅଥବା ତା’ର ସହଯୋଗୀ ସହିତ ଯେତେବେଳେ ଇତସ୍ତତଃ ଉଡ଼ିଯାଏ, ଅସଫଳ ବ୍ୟାଧ ବାରମ୍ବାର ଗୁଳି ଚଳାଏ ସେ ଉଡ଼ନ୍ତା ପକ୍ଷୀକୁ ଲକ୍ଷ୍ୟକରି। ହୁଏତ ଗୁଳି ସେମାନଙ୍କୁ ବାଜିପାରେ, ନ ବାଜିପାରେ ମଧ୍ୟ।

ନୀରବି ଯାଇଥିବା ଦିବ୍ୟ ତୁଣ୍ଡ ଖୋଲିଲା। ତାକୁ ପ୍ରଭାବିତ କରିବାକୁ ଯାଇ କହିଲା– ତମେ କ’ଣ ପାଗଳୀ ହେଇଗଲଣି ନିନା ?

ଗୋଲାପ ଫୁଲର ପାଖୁଡ଼ା ଭଳି କଅଁଳିଆ ଓଠରେ ତାଚ୍ଛଲ୍ୟ ହସର ଝଲକ ଖେଳାଇ ନିନା କହିଲା– ‘‘ମୋ’ ଡାଡ୍ ସେଇଭଳି ଏକ ବ୍ୟାଧଠାରୁ ବି ନିଷ୍ଠୁର। ଆମେ ଯଦି କେଉଁ ଏକ ଦୂର ଆକାଶରେ ଯୋଡ଼ି ହୋଇ ଉଡ଼ି ଯାଆନ୍ତି, ତେବେ ତାଙ୍କ ତୀକ୍ଷ୍ଣ ଦୃଷ୍ଟିରୁ ରକ୍ଷାପାଇବା ସମ୍ଭବ ନୁହେଁ ଦିବ୍ୟ। ତୁମେ ଧୈର୍ଯ୍ୟ ରଖ। ମୁଁ ତାଙ୍କର ମାନସିକତାକୁ ଲକ୍ଷ୍ୟ କରି ତୁମ ପାଇଁ ପ୍ରସ୍ତାବ ଦେବି। ଆଉ ମୁଁ ମଧ୍ୟ ସେ ନେଇ ଏକମତ ବୋଲି ଜଣାଇବି। ମୋ’ ଡାଡ୍ ମୋତେ ବହୁତ ଭଲପାଆନ୍ତି। ଏପରିକି ମୋ’ ମାମ୍‌ଠାରୁ।’’



ନିନା ମୁହଁରୁ ଅନିଶ୍ଚିତ କଥା ଶୁଣି ଦିବ୍ୟ ଶଙ୍କିଗଲା। ତା’ ଦେହରେ ଥିବା ଶହେ ଦୁଇ ଡିଗ୍ରୀ ତାପମାତ୍ରାକୁ କମାଇବା ପାଇଁ ମନେମନେ ଖୁବ୍ ପ୍ରସ୍ତୁତ ହେଲା।

– ‘ସୂର୍ଯ୍ୟ ସେତେବେଳକୁ ଲୁଚିଯାଇ ସାରିଲେଣି।’

– ‘ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଡିମାଡିମା ଆଖି କାଢ଼ି ଚାହିଁଲେଣି ରାସ୍ତା କଡ଼ରେ।’

– ‘ଫୁଲର ମହକ ଧୀରେଧୀରେ ଆଚ୍ଛନ୍ନ କରୁଥାଏ ସେଠାକାର ପରିବେଶକୁ।’

ନିନା ହାତ ବଢ଼ାଉଥିଲା ଦିବ୍ୟକୁ ଫେରାଇ ଆଣିବାକୁ। କିନ୍ତୁ ତା’ ପାଦର ଗତି ଏତେ ଦ୍ରୁତ ଥିଲାଯେ, ନିନା ଥିଲା ନାଚାର। ଦୁର୍ଯୋଗକୁ ମୋବାଇଲ ବାଜିଉଠିଲା। ଡାଡ୍‌ଙ୍କ ଫୋନ କଲ୍ ଦେଖି ନିନା କେବଳଯେ ସେଇଠି ଠିଆହୋଇ ଆକାଶରୁ ପାତାଳ ଯାଏ ଭାବୁଥିଲା ତା’ ନୁହେଁ, ତା’ ଛାତିର ସ୍ପନ୍ଦନ ଖୁବ୍ ଦ୍ରୁତ ହେଇଯାଇଥିଲା। ଉଜ୍ଜ୍ୱଳ ହାଇମାଷ୍ଟ ଲାଇଟ୍‌ରେ ସେ ଭେଟୁଥିଲା ଘନଘଟା ଅନ୍ଧାରକୁ।

**– ଶଂଖୋ, ଆନନ୍ଦପୁର, କେନ୍ଦୁଝର–୨୨**

(ତୃତୀୟ ପୃଷ୍ଠାରୁ...)

## ପେଷ୍ଟ ଫ୍ରେଣ୍ଡ

କଣ୍ଡୋମ୍‌ର ବିଜ୍ଞାପନ। କେତେ ଏଡ଼େଇ ଚାଲିବ ଏସବୁକୁ ? ଏବେ ତ ବାପ–ପୁଅ ଉଭୟଙ୍କ ହାତରେ ଆଣ୍ଡ୍ରଏଡ୍ ଫୋନ୍। କିଏ କ’ଣ ପିନ୍ଧିଲା ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ। ମନୋବୃତ୍ତିର ସୁଧାର ଏବଂ ଶୋଧନ ଦରକାର। ଭଦ୍ର–ମାର୍ଜିତ ପୋଷାକ ପିନ୍ଧି ଝିଅ ବୋହୂଙ୍କ ସହିତ ଅମାର୍ଜିତ ବ୍ୟବହାର କରୁନାହାନ୍ତି ପୁରୁଷମାନେ ?

ତାକୁ ଯଦି କିଏ ପଚାରେ କେମିତି ଝିଅ ତୋତେ ଭଲ ଲାଗିବ ? ସିଏ କହେ– ଯାହାକୁ ମୁଁ ଭଲଲାଗିବି, ଠିକ୍ ସେମିତି ଝିଅ ମୋତେ ଭଲଲାଗିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ମୋ’ ମା’କୁ ସେ ଝିଅ ଭଲ ଲାଗିବା ଦରକାର।

ପ୍ରୋଗ୍ରେସିଭ୍ ଆଉଟ୍‌ଲୁକ୍ ସହିତ ତା’ ଭିତରେ ଏକ ରକ୍ଷଣଶୀଳ ମନୋଭାବ ମଧ୍ୟ ଥିଲା।

ସେଦିନ ବି ଠିକ୍ ସମୟରେ ସକାଳ ହେଇଥିଲା। ପୂର୍ବପଟ ଝର୍କା ଦେଇ କଅଁଳ ଖରା କିଛି ପଶି ଆସିଥିଲା ରୁମ୍ ଭିତରକୁ। ଶୀତ ତା’ର ସ୍ଥିତି ଜମେଇ ନେଇଥିଲା। ସାମାନ୍ୟ କୁହୁଡ଼ି ଘେରିଥିଲା ସହରକୁ। ଟା’ ବସିଥିଲା ହିଟରରେ। ଅପେକ୍ଷା କରୁଥିଲି ସାକ୍‌ସେନାକୁ। ଟା’ ଯାଚିଲେ ସିଏ ମନାକରେନି। ସିଏ ନ ଆସିଲେ ସକାଳଟା ସକାଳ ଭଳି ଲାଗେନି। ବେଶୀ ଭଲ ଲାଗେ ତା’ପେଷ୍ଟ ଖୋଜିବା ବେଳର ସେ ଦୟନୀୟତା। ପେଷ୍ଟ ନ ପାଇଲେ ପଚାରେ– ଏ ମାସରେ ପେଷ୍ଟ କିଣିନ ?

ମୁଁ କହେ– ପେଷ୍ଟ ଅଛି ବୋଲି ତ ତୋର ଦେଖାମିଳୁଛି। ନ ହେଲେ କ’ଣ ତୋର ପତ୍ତା ମିଳନ୍ତା ? ଗୋଟେ ଭଲ ସାୟରୀ ଶୁଣା। ସାକ୍‌ସେନାର ଦେଖା ନ ଥିଲା ସେଦିନ। ଥରେ ଟା’ ଛାଣି ପିଇ ସାରିଥାଏ। ଆଉ କିଛି ଥାଏ ତା’ପାଇଁ। ସକାଳ ପାକଳ ହେଉଥାଏ। କିଏ ଜଣେ କହିଲା– ସାକ୍‌ସେନା ହସ୍ପିଟାଲାଇଜ୍‌ଡ କାଲି ରାତିରେ। ଚାହୁଁଚାହୁଁ କଥାଟା ଖେଳିଗଲା। ଆମେ ପହଞ୍ଚିଲୁ ହସ୍ପିଟାଲ୍‌ରେ। ସାଲାଇନ୍ ଲାଗିଥିଲା। ଯେଉଁ ସାଙ୍ଗମାନେ ତାକୁ ଆଣିଥିଲେ ସେମାନେ କହିଲେ– ଡାକ୍ତର କହୁଛନ୍ତି, ଲିଭର କ୍ୟାନ୍‌ସର। ଛ’ ମାସ ତଳେ କୁଆଡ଼େ ସିଏ ଆସିଥିଲା ଏଠିକି। ଡାକ୍ତର କହିଥିଲେ, ଟାଟା ମେମୋରିଆଲ୍‌ରେ ଦେଖାଇବାକୁ। ଆଜିଯାଏ ସିଏ ଯାଇନି କି କାହାକୁ କହିନି ଏ କଥା।

ସାକ୍‌ସେନା ଆମକୁ ଦେଖି ଖୁସି ହେଇଗଲା। କହିଲା– ତମମାନଙ୍କୁ ଆଉ ପେଷ୍ଟ ଲୁଚେଇବାକୁ ପଡ଼ିବନି। ଏତିକି କଥାରେ ସମସ୍ତଙ୍କ ଆଖି ଜକେଇ ଆସିଥିଲା। କହୁଣିରେ ଭରାଦେଇ ସାମାନ୍ୟ ଉଠିବାକୁ ଚେଷ୍ଟାକରି କହିଲା– ମନ ଶୁଖାଅନି। ମୁଁ ପୁଣି ଯିବି ତମମାନଙ୍କ ରୁମ୍‌କୁ। ପୁଣି ପେଷ୍ଟ ମାଗିବି। ଜାଣିଛି ମୋତେ ତମେମାନେ ମନା କରିପାରିବନି। ମୁଁ ନ ଗପିଲେ କ’ଣ ତମକୁ ଭଲ ଲାଗିବ ? ମୁଁ ଠିକ୍ ହେଇଯିବି ଅଳ୍ପ ଦିନରେ। ଏତିକି କହିବା ଭିତରେ ତା’ ନିଜ ଆଖି ଜକେଇ ଯାଇଥିଲା ଲୁହରେ।

ସାକ୍‌ସେନା ଘରକୁ ଫୋନ୍ କରାଗଲା। ତାଙ୍କ ବାପା ଆସି ନେଇଗଲେ ତାକୁ। ସେଇଠୁ ସିଧା ଗଲେ ଟାଟା ମେମୋରିଆଲ୍। ସେଠି ବି ଡାକ୍ତର ଠିକ୍ ସେଇଆ କହିଲେ। କିନ୍ତୁ ଅନେକ ଡେରି ହେଇଗଲାଣି ବୋଲି ବିରକ୍ତ ମଧ୍ୟ ହେଲେ। ଚିକିତ୍ସା ଚାଲିଲା। ସାକ୍‌ସେନାର ବାପା ଖୁବ୍ ପଇସାବାଲା। ଖାନ୍‌ଦାନୀ ବେପାରୀ। ଦେଖିଲେ ଜଣାପଡ଼ିବନି ଏତେ ଟଙ୍କାର ମାଲିକ ବୋଲି। ପାଣି ଭଳି ପଇସା ଖର୍ଚ୍ଚ କରିଗଲେ। ଦିନେ ଖବର ଆସିଲା ସାକ୍‌ସେନା ଚାଲିଗଲା। ସାରା ହଷ୍ଟେଲ୍‌ରେ ନୀରବତା ଛାଇଗଲା। ଆମେ କେଇଜଣ ଯାଇଥିଲୁ ସାକ୍‌ସେନାର ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ। ଯେଉଁମାନଙ୍କୁ ତା’ ଅଭାବ ଖୁବ୍ ବାଧୁଥିଲା। ସାକ୍‌ସେନା କୁଆଡ଼େ ତା’ ବାପାଙ୍କୁ କହିଥିଲା, ମୋ’ ହଷ୍ଟେଲ୍ ବନ୍ଧୁମାନଙ୍କୁ ଡାକିବ। ସାକ୍‌ସେନାର ଫଟୋରେ ମାଳ ଝୁଲୁଥିଲା। ସିଏ ହସୁଥିଲା ଫଟୋରେ। ସବୁବେଳେ ଯେମିତି ସିଏ ଅଳ୍ପ ହସେ ଅନ୍ୟମାନଙ୍କୁ ବେଶୀ ହସେଇ।

ବାପା ତା’ର ସ୍ୱାଭାବିକ ହେଇସାରିଥିଲେ। ଆଖିରୁ ସବୁ ଲୁହ ଆଉ ଛାତିରୁ ସବୁ କୋହ ସରି ଯାଇଥିଲା ବୋଧେ। ଧୀରେଧୀରେ ପୁଣି ଜମୁଥିଲା ଭିତରେ ଭିତରେ। ବାହାରକୁ ଜଣାଯାଉ ନ ଥିଲା।

ଆମ ସହ ଅନେକ ଗପିଲେ ସାକ୍‌ସେନାର ବାପା। ଅନେକ ସ୍ୱପ୍ନ ସେ ଦେଖିଥିଲେ ପୁଅକୁ ନେଇ। ତାଙ୍କର ଇଚ୍ଛାଥିଲା– ପୁଅ ତାଙ୍କର ବ୍ୟବସାୟ ସମ୍ଭାଳୁ। ଚାକିରି କରି ଲାଭ କ’ଣ ? କେତେ ପଇସା ପାଇବ ? ପାଠପଢୁ କ୍ଷତି ନାହିଁ, କିନ୍ତୁ ଘରକୁ ଫେରିଆସୁ।

ପୁଅର କିନ୍ତୁ ଧନ ସମ୍ପତ୍ତି ପ୍ରତି ସାମାନ୍ୟ ଆସକ୍ତି ନ ଥିଲା। ପିଲାବେଳୁ ସେମିତି ସିଏ। କେବେ ପଇସା ମାଗେନି। ସିଏ ଜାଣିଥିଲା ମାଗିଲେ ମିଳିଯିବ, ତଥାପି ମୁହଁ ଖୋଲେନି। ଏତେଶୀଘ୍ର ଚାଲିଯିବ ବୋଲି କିଏ ଜାଣିଥିଲା ?

ଆମେ ଫେରିଆସିଲୁ। ସାକ୍‌ସେନାର ବାପା ପଚାରିଲେ– କାହାଠୁ କିଛି ଧାର କରଜ କରିଥିଲା କି, କହିଲେ ମୁଁ ଦେଇଦେବି।

ଆମେ ମୁଣ୍ଡ ଟୁଙ୍ଗାରି ନାହିଁ କଲୁ। ଫେରିଲାବେଳେ ତା’ ଫଟୋକୁ ଚାହିଁଲୁ। ଫଟୋ ଭିତରୁ ସିଏ ଯେମିତି କହୁଥିଲା– କେତେ ପେଷ୍ଟ ଧାର୍‌କରି ଦାନ୍ତ ଘଷିଛି, କହିଲନି ବାପାଙ୍କୁ ? ସମସ୍ତଙ୍କ ପାଖରେ ତ ମୁଁ ଧାରୁଆ। ମୁଣ୍ଡ ଟୁଙ୍ଗାରି ନାହିଁ କ’ଣ କଲ ସମସ୍ତେ ? ସାକ୍‌ସେନାକୁ ବାଦ୍‌ଦେଇ କୌଣସି ସକାଳ ଆଉ ଭଲ ଲାଗିନି କାହାରିକୁ। ତା’ ଅଭାବ ସବୁବେଳେ ବାଧିଛି ଆମକୁ।

ଏବେ ବି ବେସିନ୍ ପାଖରେ ଛିଡ଼ାହେଇ ବ୍ରସ୍‌ରେ ପେଷ୍ଟ ଲଗାଇବାବେଳେ ମନେପଡ଼େ ସାକ୍‌ସେନା କଥା। ଖାଲି ମୁଁ କାହିଁକି, ତାକୁ ଜାଣିଥିବା ପ୍ରାୟ ସମସ୍ତଙ୍କର ମନେପଡୁଥିବ ସିଏ ଏ ସମୟରେ। ବେଶୀ ମନେପକାଉଥିବେ ସେଇମାନେ, ଯେଉଁମାନେ ତାକୁ ଠିକ୍‌ସେ ବୁଝିପାରି ନ ଥିଲେ ସେତେବେଳେ।

ବେଳେବେଳେ ଲାଗେ, ଖାସ୍ ଏଇଥିପାଇଁ ବୋଧେ ସିଏ ବିଭିନ୍ନ ରୁମ୍‌ରୁ ପେଷ୍ଟ ମାଗି ଦାନ୍ତ ଘଷୁଥିଲା। ସିଏ ଜାଣିଥିଲା, ତା’ ଅବର୍ତ୍ତମାନରେ ତା’ ସାଙ୍ଗମାନେ ନିଶ୍ଚେ ତାକୁ ମନେପକେଇବେ ପ୍ରତିଦିନ ସକାଳେ, ଦାନ୍ତ ଘଷିବାବେଳେ, ପେଷ୍ଟ କାଢ଼ିବାବେଳେ। ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ପେଷ୍ଟର ଟ୍ୟୁବ୍ ଚିପି ବ୍ରସ୍ ଉପରକୁ ପେଷ୍ଟ ଆଣିଲାବେଳେ ମନକୁ ତ ମନେପଡ଼ିବ ସାକ୍‌ସେନା।

ଖୁବ୍ ଚାଲାକ୍ ଥିଲା ସିଏ। ଠିକ୍ ସେତିକି ଦରଦୀ। ଜାଣିଥିଲା ଖୁବ୍ କମ୍ ସମୟ ସେ ବିତେଇପାରିବ ତା’ ସାଙ୍ଗମାନଙ୍କ ସାଥିରେ।

**– ପଲଟଣ ପଡ଼ିଆ, ଖୋର୍ଦ୍ଧା**

# କ ବି ତା

## ଅଶ୍ରୁତ ସଂଳାପ

**ପ୍ରଭାତ ନଳିନୀ ମହାପାତ୍ର**

ବେଳେବେଳେ ଭିନ୍ନ ଲାଗେ
ପବନର ମୁଗ୍ଧ ସମ୍ମୋହନ,
ଅଲଗା ଅଲଗା ଲାଗେ
ଆପଣାର ସୀମିତ ପରିଧି,
ମନେହୁଏ ଆଉ କ'ଣ
ପ୍ରୀତିପଦ ବାଟଟିଏ ହୋଇ
ଖୋଲି ପାରିବି ମୁଁ ମୋର ରୁଦ୍ଧ ବାତାୟନ !

ଭଲ ହେଲା ମିଛ ହେଲା
ବନ୍ଧୁଦ୍ରୋହୀ କୁମ୍ଭୀରର ଗପ,
ମିଛ ହେଲା ଭୋଗିଥିବା
ଯେତେସବୁ ଆତ୍ମ ପ୍ରତାରଣା,
ସତ ଖାଲି ଖୋଜିଯିବା ସାଂଗହୋଇ
ମୃଗତୃଷ୍ଣା ମରୁଭୂମି ପରେ ।

ଭାବିଥିଲେ ଯାଇଥାନ୍ତେ
ବାଟ ଖୋଜି ସମୁଦ୍ରକୁ,
କିନ୍ତୁ ଏ'ତ ବାଲିର ପାହାଡ଼
ପାହାଡ଼ ସେପାଖେ କିନ୍ତୁ
କ'ଣ ଅଛି ଜଣାନାହିଁ
ହୁଏତ ବା ଥାଇପାରେ ମରୁଦ୍ୟାନଟିଏ ।

ସେଥିପାଇଁ ଆଜି ଚାଲ
କଥା ହେବା ପବନ ସାଥିରେ
ଚୁପ୍‌ଚାପ୍ ଶୁଣିନେବା
ଝାଉଁବଣ ଅଶ୍ରୁତ ସଂଳାପ
ସମୟର ରୁକ୍ଷ ପଥ ଧାରେ
କ୍ଲାନ୍ତ ଆଖି ମୁଦିବା ଆଗରୁ ।

**– ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସାମରାଇପୁର, ଭଦ୍ରକ**

## ଗଛ

**ଅସୀମା ସାହୁ**

ତାଙ୍କୁ ଏଠିସେଠି
ଭାଙ୍ଗିଦେବା ମାତ୍ରେ
ସେ ଗଢ଼ି ହୁଅନ୍ତି ନିଜେନିଜେ
କଅଁଳିଆ ପତ୍ରର ସ୍ୱାକ୍ଷରରେ

ଗଢ଼ି ହେବା ପରେ
ତାଙ୍କୁ ଭାଙ୍ଗୁଥିବା ଲୋକଟିର ସେବା କରନ୍ତି
ସହୃଦୟତାରେ

ଏ କଳା ତାଙ୍କର ଢେର୍ ଦିନର

ସେ ଶିଖିସାରିଛନ୍ତି
ଠିଆ ହେବାର କୌଶଳ
ଏବେ ଶିଖାଉଛନ୍ତି
ଜୀବନ ଜିଇବାର କଳା
ସମର୍ପଣର ସଂକଳ୍ପ

ସେ ଆଶ୍ରା ଦିଅନ୍ତି ବୋଲି
ଥୁଣ୍ଟା ଦେହରେ
ଚଢ଼େଇଙ୍କ ଘରସବୁକୁ
ଆଶ୍ରିତଙ୍କ ମେଳି ଲାଗିଛି ସେଠାରେ

ଫୁଲର ବେଣୀ ଆଉ ଫଳର ଟୋକେଇ
ଧରି ବସନ୍ତି ତୁମ ପିଲାଝିଲାଙ୍କ ପାଇଁ

କେବେ ଭାବିଛ
ତାଙ୍କ ଅନୁପସ୍ଥିତିରେ
ସ୍ଥିତି କ'ଣ ତୁମର

ହାଣିବା ଆଗରୁ
ତେଣୁ
ନିଜ ନିଃଶ୍ୱାସକୁ
ଟିକେ ପରଖିନିଅ
ଓ
ତାଙ୍କ ମଞ୍ଜି ପୋତି
ତାଙ୍କ ପାଇଁ ଉତ୍ସବ ମନାଅ ।

**– ମଧୁବନ, ବାରିପଦା**

## ମୁଖା

**ନିବେଦିତା ମିଶ୍ରଗୁରୁ**

ଜାଣିଚ, ପ୍ରତି ଥର ହୋଲିରେ
ମୁଁ ବୋଲି ଭାବି ତୁମେ ଯାହାକୁ
ଆଦରରେ ମାଖିଦିଅ ଫଗୁ
ସେ ମୁଁ ହିଁ ନ ଥାଏ
'ମୁଁ' ତ ବେଶ୍ ସୁରକ୍ଷିତ ଥାଏ
ମୋର ଏଇ ମୁଖା ଆଢୁଆଳେ
ଯାହାକୁ ଆଜିକାଲି ନିଜେ ବି ଚିହ୍ନି
ପାରେନା ।

ପାରୁଛ ଯଦି ଖୋଲିଦିଅ ମୋର ଏ ମୁଖା
ତା'ପରେ ତୁମେ ଦେଖିବ ଏକ ଭିନ୍ନ ମୁଁ
ଆଉ ଏକ ଭିନ୍ନ ପୃଥିବୀ
ସତରେ ଭେଟିବ ତୁମେ ସେଠି ଫଗୁଣକୁ
ଆଞ୍ଜୁଳିରେ ନାନା ରଙ୍ଗ ଫଗୁ ସହ ।
ହେଲେ, ଦେଖିବାକୁ ସେ ଫଗୁର
ଗାଢ଼ା ରଙ୍ଗ ଉତାରି ନେବାକୁ ହେବ
ତୁମର ସେ କଠିନ ମୁଖାକୁ
ଜାଣେ ଯାହାକୁ କେବେଠୁ ତୁମେ ଭାବିବାକୁ
ଆରମ୍ଭ କରିଦେଇଛ 'ତୁମେ' ବୋଲି
ଆଉ ସତରେ ମୁଁ ବି ।

ଚାଲନା ଉତାରି
ଫିଙ୍ଗିଦେବା ମୁଖା ସବୁ
ମାଖି ଦବା ଦୁହେଁ ଦୁହିଁଙ୍କୁ କିଛି ଫଗୁ
ପୁଣି ଭେଟିବା ନିଜକୁ ନୂଆ କରି
ଆଉ ଦୁହେଁ ଦୁହିଁଙ୍କୁ ବି
ଏଥର ହୋଲିରେ ।

**– ଭୂମି ପାର୍କ, ମାଲାଡ୍(ପଶ୍ଚିମ), ମୁମ୍ବାଇ**

## ଛାତି

**ହେମନ୍ତ କୁମାର ରାଉତ**

ମାଂସ ଆଉ ରକ୍ତରେ ତିଆରି
ଏକ ମାୟାର ଉତ୍ସ
ସେମାନେ କହିଲେ ନିର୍ବାଣ ନୁହେଁ
ନୀଳ ନର୍କର ସମ୍ମୋହନ
ସେମାନେ ଲେଖିଲେ ଅସଂଖ୍ୟ
କାବ୍ୟ କବିତା ଛାତିକୁ ନେଇ
ଗୋଟିଏ ବୃନ୍ତରେ ଦୁଇଟି କଢ଼ି
ଜହ୍ନ ତାରା ନୀଳକଇଁ ପରି
ଆହୁରି ମନ୍ତ୍ରମୁଗ୍ଧ

ତାରୁଣ୍ୟର ସରସୀରେ ଉଙ୍କି ମାରିଲେ
ମହକିଯାଏ ଗୋଟିଏ ଅଦୃଶ୍ୟ ବ୍ରହ୍ମାଣ୍ଡ
ମାୟାର ହାଟରେ ବାଟ ଖୋଜୁଖୋଜୁ
ଯେଉଁଠି ଅଟକିଯାଏ ଦୂରନ୍ତ ବାଟୋଇ
ଏବେ ଝଡ଼ଝଂଜା ରାତିର ଆକାଶ
ସାରା କଳାମେଘଙ୍କ ପଇଁତରା
ପାହାଡ଼କୁ ପଉଷର କୁହୁଡ଼ି
ଶ୍ରାବଣ ଜହ୍ନକୁ ମେଘ ଢାଙ୍କିବା ପରି
ତମେ ତମ ପଣତରେ ଛାତିକୁ ଢାଙ୍କିଦିଅ

ଉନ୍ମୁକ୍ତ କରନି ପ୍ରଳୟ ଆସିବ
ଧର୍ଷଣରେ ରକ୍ତାକ୍ତ ଫାଶୀ
ଘୋଟିଯିବ ପାଶବିକତାର ଛାୟା
ତମେ ତମ ପଣତ ଢାଙ୍କିଦିଅ
କେବଳ ଅୟୁତ ଅୟୁତ ଅମୃତ ଶିଶୁଙ୍କର
ଅମୃତ ମଣୋହି ପାଇଁ ।

**– ରାଜନଗର, କେନ୍ଦ୍ରାପଡ଼ା**

## ନୂଆ ସମ୍ବତ୍ସର

**ଜୟନ୍ତୀ ସାହୁ**

ତମେ ଆସୁଛ ବୋଲି ତ
ମାଟି, ପାଣି, ପବନ, ପୃଥିବୀ
ଏତେ ଉଲ୍ଲସିତ, ପୁଲକିତ
ପ୍ରତିଟି ମୁହୂର୍ତ୍ତ ଲାଗୁଛି ମନ୍ତ୍ରସିଦ୍ଧ, ମାଙ୍ଗଳିକ ।।

ନିଃଶବ୍ଦ ଇଲାକାରେ ବି ଶୁଭୁଛି
ମଧୁର ଶବ୍ଦମାନଙ୍କର ମଧୁ ଗୁଞ୍ଜରଣ
ତମେ ପାଦ ଥାପିଦେଲେ ଥରେ
ସତେ ଯେମିତି ରୁଦ୍ଧ ହୋଇଯିବ କ୍ଷଣେ
ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି
ନିରାନନ୍ଦ, ନିନ୍ଦା, ନିର୍ଯାତନା
ବିଦାୟୀ ଆକାଶ ବକ୍ଷେ
ଅଗଣିତ ତାରାଙ୍କ ରୋଶଣି ।।

ନୂଆ ସୂର୍ଯ୍ୟ ଆସିଯିବ
କାଢ଼ିଦିଅ ଅଂଗୁ ଛଳନାର ବେହରଣ
ସ୍ୱାଗତ କରିବା ପାଇଁ ନୂଆବର୍ଷ
ଗଢ଼ିଦେବା ଚାଲ ଏବେ
ବସୁଧୈବ କୁଟୁମ୍ବକମ୍‌ର
ବହୁମୂଲ୍ୟ ଶାଶ୍ୱତ ତୋରଣ ।।

**'ଶ୍ରୀଜୟା', ଏମ୍-୧୧/୪, ପଞ୍ଚସଖାନଗର**
**ଡୁମୁଡୁମା, ଭୁବନେଶ୍ୱର**

## ଦୁଇଟି ବ୍ୟଙ୍ଗଗଳ୍ପ

### ଶରୀର

ତା'ର ରୋଜଗାର ବଢ଼ିବା ପରେ ନିଜ ଲୋକମାନେ ତା' ଉପରେ ଆଖି ପକେଇଲେ। କହିଲେ- ହେଁରେ ଭଲ ଦି' ପଇସା ତ କମାଉଛୁ, ହେଲେ ଏମିତି ଧେଡ଼ିଆ ହୋଇ ରହିଛୁ! ଦିହକୁ ଖାଉନୁ କି?

ନିଜ ଲୋକଙ୍କ କଥା ମାନି ନିଜକୁ ଫିଟ୍ ରଖିବାକୁ ସିଏ ନାନା ସୁଷମ ଖାଦ୍ୟ ଖାଇଲା। ଧୀରେଧୀରେ ତା' ଚେହେରା ବଢ଼ିଲା। ବଢ଼ିଲା ତ ବଢ଼ିଲା ଆଉ ଅଟକିଲା ନାହିଁ।

ଏଥର ପୁଣି ନିଜ ଲୋକମାନେ ନଜର ପକେଇଲେ। ଏତେ ମୋଟା କ'ଣ ହେଲୁଣି କିରେ! କୋଉ ଦିନ କ'ଣ ହୋଇଯିବରେ ବାବୁ, ଓଜନ କମା। ସିଏ ଏଥର ଡାଏଟିଂ ଆରମ୍ଭ କରିଦେଲା। ଦେହ ଝଡ଼ିବା ପଦାର୍ଥମାନ ଖାଇଲା।

କେମିତି ଜାଣିଲେ କେଜାଣି, ଅତି ନିଜର ଘରଣୀ କହିଲେ- ତମ ଓଜନ ବହୁତ କମିଗଲାଣି, ଟିକେ ଡାକ୍ତରଙ୍କୁ ଦେଖାଅ।

### ଖୁସିର କଥା



ସନ୍ଧ୍ୟା ସୁଦ୍ଧା ତାକୁ ଜର ହେଇଗଲା। ଏବେ ତା' ଖୁସି ଦେଖ। କଥା କ'ଣ କି ବିଧାନସଭା ଅଧିବେଶନ ଚାଲିଚି, କାଳେ କିଛି ପ୍ରଶ୍ନ ଫ୍ରଶ୍ନ ଆସିବ ବୋଲି ଛୁଟି ମାଗିଲେ ବସ୍ ସଫାସଫା ମନା କରିଦିଅନ୍ତେ; ହେଲେ ଜର ହେଲେ ଛୁଟି ନ ଦେଇ ଯିବେ କୁଆଡ଼େ। ଖୁସି ମନରେ ସିଏ ଡାକ୍ତରଙ୍କ ପାଖରେ ପହଞ୍ଚିଲା। ଡାକ୍ତର ତା' ହସହସ ମୁହଁ ଦେଖି ଜରର ତୀବ୍ରତା ମାପିଦେଲେ ଏବଂ ବେଜାଏ ଟେଷ୍ଟ କରିବାକୁ ଲେଖିଦେଲେ। ସିଏ ମନେମନେ ଭାବିଲା- କେଡ଼େ ବଢ଼ିଆ ଡାକ୍ତର ସତେ, ମୋ' ଦେହ ପାଇଁ କେତେ ସଜାଗ। ଜର ହୋଇଛି ଶୁଣୁଶୁଣୁ ଆଉ କାଳେ କ'ଣ ହୋଇଥିବ ସେଥିପାଇଁ ଆଉ ସବୁ ପରୀକ୍ଷା କରିବାକୁ ଲେଖି ଦେଲେଣି। ସିଏ ଡାକ୍ତରଙ୍କୁ ପିସ୍ ବଢ଼େଇଦେଇ କହିଲା-ପ୍ଲିଜ ଦୁଇ ଦିନ ବିଶ୍ରାମ ପାଇଁ ଲେଖିଦିଅନ୍ତୁ।


ଡ. କୁଳାଙ୍ଗାର



## ପୁସ୍ତକ ପରିଚୟ

### ନେପଥ୍ୟ ନାୟିକା


**ଲେଖିକା:** ପୁଷ୍ପାଞ୍ଜଳି କର
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୩୦୦/-




୨୮୦ ପୃଷ୍ଠାର ଏଇ ବହି ଖଣ୍ଡିକ ହେଉଛି କସ୍ତୁରବା ଗାନ୍ଧୀଙ୍କ ଜୀବନୀ ଆଧାରିତ ଏକ ଉପନ୍ୟାସ, ଯାହାକୁ ଲେଖିକା ପୁଷ୍ପାଞ୍ଜଳି ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତି ଆଧାରରେ ଲେଖିଛନ୍ତି। ପୁନେର ଆଗାଖାନ୍ ପ୍ୟାଲେସ୍‌ଠୁଁ ଆରମ୍ଭକରି ଯେଉଁସବୁ ପ୍ରମୁଖ ସ୍ଥାନ ସହ କସ୍ତୁରବାଙ୍କ ଜୀବନ ସମ୍ପୃକ୍ତ, ସେ ସବୁ ସ୍ଥାନକୁ ଗବେଷଣାର କୌତୂହଳୀ ଆଖି ନେଇ ଲେଖିକା ଯାଇଛନ୍ତି ଓ ଆଖିଦେଖା ଅନୁଭୂତିକୁ ସମ୍ବଳ କରି ଆଲୋଚ୍ୟ ଉପନ୍ୟାସଟି ଲେଖିଛନ୍ତି। ଗାନ୍ଧୀଙ୍କ ବଡ଼ପୁଅ ହରିଲାଲଙ୍କ ଜୀବନୀକୁ କେନ୍ଦ୍ର କରି ଉପନ୍ୟାସରେ ଯେଉଁ ବଞ୍ଚନାର କାରୁଣ୍ୟ ସୃଷ୍ଟି ହୋଇଛି, ତାହା ଅନନ୍ୟ। ଉପନ୍ୟାସଟି ପଢ଼ିଲେ ଇତିହାସର ଉପେକ୍ଷା ଭିତରୁ କସ୍ତୁରବାଙ୍କୁ ଆଉଥରେ ଉଦ୍ଧାର କରିବାକୁ ସକ୍ଷମ ହୁଏ ପାଠକ। ଉପନ୍ୟାସର ଭାଷା ସରଳ ଓ ଭାବ-ସଂବେଦୀ ହୋଇଥିବାରୁ ଏହା କସ୍ତୁରବାଙ୍କ ଜୀବନର ନିସଂଗତା ବା ନିରୁପାୟତାକୁ ଅମନଯୋଗୀ ପାଠିକାପାଠକଙ୍କ ସମକ୍ଷରେ ବି ମୂର୍ତ୍ତିମନ୍ତ କରି ତୋଳିଧରେ। ୧୯୧୫ ମାର୍ଚ୍ଚ ୩୧ରେ ହରିଲାଲ ନିଜ ମନର ଦୁଃଖ ଓ ଅବସୋସକୁ ବ୍ୟକ୍ତ କରି ପିତା ମୋହନ ଦାସଙ୍କୁ ଯେଉଁ ଚିଠିଟି ଲେଖିଛନ୍ତି, ତାହା ସୂଚାଇଦିଏଯେ ଗାନ୍ଧୀ-ପରିବାରରେ ସବୁକିଛି ଠିକ୍‌ଠାକ୍ ଚାଲି ନ ଥିଲା। କିନ୍ତୁ ଏତେ ସବୁ ଉତ୍‌ଥାନ ପତନ ଭିତରେଯେ ମୋହନଦାସ କ୍ରମେ ମହାତ୍ମା ହୋଇ ଉଠୁଥିଲେ, ଏହା ଭାବିବସିଲେ ଅବାକ୍‌ବିସ୍ମୟରେ ମନ ଘାଣ୍ଟିହୁଏ। ପୁଷ୍ପାଞ୍ଜଳି ଯଦିଏ ବହିଟି ଲେଖି ନ ଥାନ୍ତେ, ତେବେ ତାଙ୍କର ନୁହେଁ, କ୍ଷତି ହୋଇଥାଆନ୍ତା ଓଡ଼ିଆ ସାହିତ୍ୟର।

### ସାହିତ୍ୟ ସାଧକ ଜଳନ୍ଧର ଦେବ


**ଲେଖକ:** ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୨୯୫/-




ବାମଣ୍ଡାର ସାରସ୍ୱତ ରାଜପୁରୁଷ ଜଳନ୍ଧର ଦେବଙ୍କ ଜୀବନ ଓ କୃତି ସମୂହର ଆକଳନ କେବଳ ନୁହେଁ, ନୂଆ ପିଢ଼ି ଆଗରେ ଏପରି ଜଣେ ବରପୁତ୍ରଙ୍କୁ ତୋଳି ଧରିବା ହେଉଛି ଆଲୋଚ୍ୟ ଗ୍ରନ୍ଥର ମୁଖ୍ୟ ପ୍ରତିପାଦ୍ୟ। ମୋଟ ୬ଟି ପରିଚ୍ଛେଦରେ ବିଭକ୍ତ ବହିଟି, ଯହିଁରେ ବାମଣ୍ଡାର ସାରସ୍ୱତ ପୃଷ୍ଠଭୂମି ଓ ସାଂସ୍କୃତିକ ଚେତନାର ଅଭ୍ୟୁଦୟ ସହିତ ଜଳନ୍ଧର ଦେବଙ୍କ ପ୍ରବନ୍ଧ ସାହିତ୍ୟ, କଥା ସାହିତ୍ୟ, ନାଟ୍ୟ ସୃଷ୍ଟି ଓ ଭ୍ରମଣ- ସାହିତ୍ୟ ସମ୍ପର୍କରେ ଆଲୋଚନା ରହିଛି। ଜଳନ୍ଧର ତାଙ୍କ ଜୀବଦ୍ଦଶାରେ ୨୦ଟି ଗଳ୍ପ, ୬ଟି ଶିଶୁଗଳ୍ପ, ୪ଟି ଭ୍ରମଣ କାହାଣୀ ଓ ୧୫ଟି କବିତା ରଚନା କରିଥିଲେ। ତାଙ୍କ ସମ୍ପାଦନାରେ 'ଶଙ୍ଖ' ପରି ସାରସ୍ୱତ ପତ୍ରିକା ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର ତାତ୍କାଳିକ ସ୍ଥିତିକୁ ଉଜ୍ଜ୍ୱଳ ଓ ବେଗମାନ କରାଇଥିଲା। 'ପୁନର୍ଜନ୍ମ', 'ବର୍ଣ୍ଣ ଓ ଜାତି ବିଚାର', 'ବିଧବା ବିବାହ', 'ମହାଭାରତ', 'ମେଘଦୂତ', ଓ 'ସାନ୍ଧ୍ୟଗଗନ' ପ୍ରଭୃତି ରଚନାଗୁଡ଼ିକରେ ଥିବା ବୈଜ୍ଞାନିକ ଓ ଯୁକ୍ତିନିଷ୍ଠ ମନୋଭଙ୍ଗୀକୁ ଦେଖିଲେ ଜଳନ୍ଧର ଦେବଙ୍କ ପ୍ରତି ପାଠକ ମନରେ ଉପୁଜେ ନିଃସର୍ତ୍ତ ଶ୍ରଦ୍ଧା। ମହାଭାରତର ଅନେକ ଅପ୍ରାସଙ୍ଗିକ ଉପାଖ୍ୟାନ ପ୍ରତି ଜଳନ୍ଧର ଯେପରି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହା ସେ ସମୟର ପ୍ରାବନ୍ଧିକଙ୍କ ଚେତନାରେ କ୍ୱଚିତ୍ ଦେଖାଯାଏ। ବହିଟି ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଯେ ଏକ ଅମୂଲ୍ୟ ସଞ୍ଚୟ, ଏଥିରେ ସନ୍ଦେହ ନାହିଁ।

### କକରେ କଁ


**କବି:** ଗୋପୀନାଥ ବାଗ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୯୦/-




ବହିଟିକୁ କବି ଉତ୍ସର୍ଗ କରିଛନ୍ତି 'ବଞ୍ଚିତ ମଣିଷଙ୍କ ପାଇଁ ଲଢ଼େଇ କରୁଥିବା ସ୍ୱର'କୁ। ମୋଟ ୪୬ଟି କବିତା ସ୍ଥାନିତ ବହିରେ। ଅଧିକାଂଶ କବିତାରେ ମୂର୍ତ୍ତ ସାଧାରଣରୁ ଆହୁରି ସାଧାରଣ ମଣିଷ। ଗୋପୀନାଥ ତାଙ୍କ କବିତାରେ ଗାଁଗହଳର ବହୁ ଅପରିଚିତ ଶବ୍ଦଙ୍କୁ ଏକଜୁଟ୍ କରି ଏପରି ମାହୋଲ ସୃଷ୍ଟି କରନ୍ତି, ଯାହା ତାଙ୍କୁ କେବଳ ତାଙ୍କରି ପରିଚୟ କରି ଗଢ଼ିତୋଳେ। କେତୋଟି ଉଦ୍ଧୃତି: ୧. "ପକ୍ଷୀଟିଏ ଉଡ଼ିଗଲେ/ ଗଛ ସୁସୁରି ବଜାଏ/ ଡଙ୍ଗରକୁ ମେଘ ଆସିଲେ/ ଗାଁ ମାଟି ତିହାର ମାନେ।" (ଗାଆଁ, ପୃ: ୨୯), ୨. "ଭାବ ନାହିଁ, ସହିଯିବା ବାଉଁଶର ଭାଗ୍ୟ ଓ ଧର୍ମ/ ତା'ଠି ଭରପୂର ଅଛି ଶକ୍ତି ଓ ସାମର୍ଥ୍ୟ/ ତୀର ହୋଇ ସେ କାଟି ଦେଇପାରେ/ ଉଦ୍ଧତ ମୁଣ୍ଡ।" (ବାଉଁଶ, ପୃ:୧୦) ବେଶ୍ କେତେକ କବିତାରେ କବି ପ୍ରତିବାଦୀ, କିନ୍ତୁ ଏ ପ୍ରତିବାଦରେ କେଉଁଠି ବି ତୁଚ୍ଛା ଗର୍ଜନ ନ ଥାଏ। ପ୍ରେମ ଓ ପରାଭବ, ଦୈନ୍ୟ ଓ ଦଇନି, ଦୃଶ୍ୟ ଓ ଦର୍ଶନ ପରସ୍ପର ସହ ଏପରି ଛନ୍ଦାଛନ୍ଦି ଯେ, କାହାକୁ କାହାଠାରୁ ଅଲଗା କରି ହୁଏନି। 'କକରେ କଁ' ବହିର ଶୀର୍ଷକ-କବିତା। ଏକ ଶୋଇଯାଇଥିବା ଜାତିର ଚେତନାକୁ ଜଗାଇ ପାହି ଆସୁଥିବା ରାତିରେ ଡାକି ଉଠେ କୁକୁଡ଼ାଟିଏ- କକରେ କଁ। ଛୋଟ କଥାଟିଏ, ଛୋଟ ଦୃଶ୍ୟଟିଏ, ଶୁଭିଶୁଭି ପାସୋର ଯାଉଥିବା ପକ୍ଷୀର ସ୍ୱରଟିଏ ; ଅଥଚ ଏଥିରେ କବି ଯେଉଁ କାବ୍ୟିକ ତୀବ୍ରତାର ସନ୍ଧାନ କରନ୍ତି, ତା'ର ପଟାନ୍ତର ନ ଥାଏ।

### ଓଡ଼ିଆ କବିତା ମେଁ ବାପା


**ସମ୍ପାଦନା:** କମଳ କୁମାର ମହାନ୍ତି
**ଭାଷାନ୍ତର:** ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୨୦୦/-




'ବାପା' ଶିରୋନାମରେ ଲିଖିତ ୭୧ଟି କବିତାକୁ ନେଇ 'ଓଡ଼ିଆ କବିତା ମେଁ ବାପା' ଶୀର୍ଷକ ଗ୍ରନ୍ଥଟି ପ୍ରସ୍ତୁତ ଓ ପ୍ରକାଶିତ। ଗ୍ରନ୍ଥର ମୂଳ କବିତାଗୁଡ଼ିକ ଓଡ଼ିଆରେ ରଚିତ, ଯାହାର ହିନ୍ଦୀ ଭାଷାନ୍ତର କରିଛନ୍ତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା। 'ବାପା କୀ କଥା' ଗଦ୍ୟଲେଖରେ ସମ୍ପାଦକ ମହାନ୍ତି କହନ୍ତି: 'ମୁଝ୍ ମେଁ ୟହୀ ଆସ୍ଥା ଔର୍ ବିଶ୍ୱାସ ହୈ କି ଉନ୍ ସଭୀ ସର୍ଜନାକାର କବିୟୋଁ କେ ସମ୍ମିଳିତ ଶ୍ରମ ସେ ଏକ୍ ଭବ୍ୟ ଉପାସନା-ପୀଠ କା ନିର୍ମାଣ କିୟା ହୈ, ଜହାଁ ବାପା ଅଧିଷ୍ଠିତ ହୈ, ପୂଜିତ ହୈ।" ଗ୍ରନ୍ଥର 'ଅଗ୍ର କଥନୀ' ଲେଖିଛନ୍ତି ବିଶିଷ୍ଟ ବିଦ୍ୱାନ୍ ଡ. ବ୍ରଜମୋହନ ମିଶ୍ର, ଯହିଁରେ ସେ ବିଚାରିଛନ୍ତି, ପିତା ହିଁ ବାସ୍ତବରେ 'ଦିବ୍ୟ ଜୀବନର ଅଧିବାସ' ଓ ଜୀବନର ସମସ୍ତ ଶ୍ରେୟର 'ସ୍ୟମନ୍ତକ ମଣି'। ଅନୁବାଦକ ଡ. ଉଦ୍‌ଗାତାଙ୍କ ଠୁଁ ଆରମ୍ଭ କରି ପ୍ରାୟ ୬ଟି ଦଶକର ବହୁ ଉଲ୍ଲେଖନୀୟ କବିଙ୍କ ଦ୍ୱାରା ରଚିତ 'ବାପା' ଶୀର୍ଷକ କବିତାକୁ ସମ୍ପାଦକ ସଯତ୍ନ ଆଲୋଚ୍ୟ ଗ୍ରନ୍ଥରେ ଏକାଠି କରିଛନ୍ତି। ଅନୁବାଦ ମୂଳ କବିତା ପ୍ରତି ପ୍ରାୟତଃ ବିଶ୍ୱସ୍ତ ରହିଛି। ଏ ଧରଣର ଉଦ୍ୟମ ଓଡ଼ିଆ କବିତା କ୍ଷେତ୍ରରେ ପ୍ରଥମ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୀ ପାଠିକାପାଠକଙ୍କ ମନ ଓ ଚେତନାରେ ବହିଟି ଅନୁଭବର ଏକ ଅନଭ୍ୟସ୍ତ ଛାପ ଛାଡ଼ିବାରେ ସକ୍ଷମ ହେବ ବୋଲି ଆଶା।

### ସାରଳା ବିଶ୍ୱ-ଭାଷା ସମ୍ମିଳନୀ ୨୦୨୦ ସମ୍ମାନ ନିବନ୍ଧମାଳା

**ସମ୍ପାଦନା:** ପଣ୍ଡିତ ବିଶ୍ୱନାଥ ଶତପଥୀ ଓ ଅନ୍ୟମାନେ




ସାରଳା ଦାସଙ୍କ ମହାଭାରତକୁ ଆଧାର କରି ୨୦୨୦ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମାନରେ ପଠିତ/ଉପସ୍ଥାପିତ ଓ ଏହି ଉପଲକ୍ଷେ ପ୍ରେରିତ ନିବନ୍ଧଗୁଡ଼ିକୁ ନେଇ ବହିଟି ସମ୍ପାଦିତ ହୋଇଛି। ଓଡ଼ିଆ ଓ ଇଂଲିଶ୍‌ରେ ମୋଟ ୩୨ଟି ନିବନ୍ଧ ଏଥିରେ ସ୍ଥାନିତ (ଓଡ଼ିଆରେ ୨୪ଟି ଓ ଇଂଲିଶ୍‌ରେ ୮ଟି)। 'ମୁଖବନ୍ଧ'ରେ ଡ. ଶର୍ମିଷ୍ଠା ମହାପାତ୍ର ବହିଟିରେ ଅଧ୍ୟୟନର ମୌଳିକତା ଓ ବ୍ୟାପକତା ନେଇ ଯେଉଁ ଆଶାର ସଂଚାର କରନ୍ତି, ନିବନ୍ଧଗୁଡ଼ିକୁ ପାଠକଲେ ଅନେକତ୍ର ସେହି ଆଶା ଫଳବତୀ ହୋଇଥିବା ମନେହୁଏ ନାହିଁ। ଓଡ଼ିଆରେ ରଚିତ କେତେକ ପ୍ରବନ୍ଧ (କେବଳ ସଂଘମିତ୍ରା ମହାପାତ୍ରଙ୍କ 'ସାରଳା ଓ କାଶୀରାମ ମହାଭାରତ'କୁ ବାଦ୍ ଦେଇ) ଅତି ସାଧାରଣ ଓ ବହୁଚର୍ଚ୍ଚିତ ପ୍ରସଙ୍ଗର ପୁନରାବୃତ୍ତି ମାତ୍ର। ଇଂଲିଶ୍ ପ୍ରବନ୍ଧଗୁଡ଼ିକରେ ପାଣ୍ଡିତ୍ୟ ଓ ବହୁ ପାଠିତାର ଯେଉଁ ପ୍ରତିଫଳନ ଆଶା କରାଯାଉଥିଲା, ତାହା ଷୋଳଣା ହୋଇପାରିଥିବା ମନେହୁଏ ନାହିଁ। 'ବିଶ୍ୱ-ଭାଷା ସମ୍ମିଳନୀ' ଖୁବ୍ ଏକ ବଡ଼ ପରିଭାଷା, ଅଥଚ ସମ୍ମିଳନୀ ପକ୍ଷରୁ ପ୍ରକାଶିତ ନିବନ୍ଧ ଗ୍ରନ୍ଥଟି ସାରଳା ଦାସଙ୍କ ସାହିତ୍ୟ ସମ୍ପର୍କରେ ସେପରି କୌଣସି ବ୍ୟତିକ୍ରମୀ ଅନୁଭବ ବିଶ୍ୱସ୍ତରରେ ଆଣିଦେବ ବୋଲି ମନେହୁଏନା। କିନ୍ତୁ ସମ୍ମିଳନୀର ଏହି ଉଦ୍ୟମ ସାରଳା ଦାସଙ୍କ ସାହିତ୍ୟର ଉଚ୍ଚତର ଅଧ୍ୟୟନ ଦିଗରେ ଯେ ବ୍ୟର୍ଥ ସାବ୍ୟସ୍ତ ହେବ ନାହିଁ, ଏ ବିଶ୍ୱାସ ରହିଛି।